ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.214 Bhubaneswar Friday October 14 2022 | ୨୫ତମ ବର୍ଷ ସଂଖ୍ୟା-୨୧୪ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଗୋଷ୍ଠୀକନ୍ଦଳରୁ ବଳି ପଡିଲେ ରାଜେନ୍ଦ୍ର, ମନାଇବାକୁ ବିଜେଡି ଖେଳିଲା ଶେଷ ଚାଲ



ଭୁବନେଶ୍ୱର,୧୩।୧୦(ପି.ଏନ): ଧାମନଗର ଉପନିର୍ବାଚନ ପାଇଁ ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କୁ ବିଜେଡି ନିଜର ପ୍ରାର୍ଥୀ କରିବ ବୋଲି ଘୋଷଣା କରିବାର ୨୪ ଘଂଟା ନପୁରୁଣୁ ବିଜେଡିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଟିକେଟ୍ ଆଶାୟୀ ଦଳର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ନିଜର ସମର୍ଥକଙ୍କ ସହ ଆସନ୍ତାକାଲି ପ୍ରାର୍ଥୀପତ୍ର ଦାଖଲ କରିବା ଜିଦରେ ଅଟଳ ରହିବା ପରେ ବିଜେଡି ତା'ର ଶେଷ ଗୋଟିଚାଳନା କରିଛି । ତାଙ୍କୁ ମନାଇବାକୁ ସବୁ ଉଦ୍ୟମ ଫେଲ୍ ମାରିବା ପରେ ବିଜେଡିର ନୀତି-ନିର୍ଦ୍ଧାରକଙ୍କ ପକ୍ଷରୁ ରାଜେନ୍ଦ୍ରଙ୍କୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ସହ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦବୀରେ ଥଇଥାନ କରାଯିବାର ଅଫର ଦିଆଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି ।ତେବେ ୨୦୦୯ରେ ବିଜେଡି ବିଧାୟକ ଭାବେ ନିର୍ବାଚିତ ହେବା ପରଠୁ ନିଜସ୍ୱ ସଂଗଠନ ରଖିଥିବା ରାଜେନ୍ଦ୍ରଙ୍କୁ ୨୦୧୪ ସାଧାରଣ ନିର୍ବାଚନ ଭଳି ଚଳିତ ଉପନିର୍ବାଚନରେ ପୁଣିଥରେ ଗୋଷ୍ଠୀକନ୍ଦଳର ଶିକାର ହୋଇଥିବା ବିଜେଡି ମହଲରୁ ସୂଚନା ମିଳିଛି ।ନିଜର ସମର୍ଥକମାନଙ୍କ ଚାପରେ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ବିଜେଡି ମହଲରେ କମ୍ପନ ସୃଷ୍ଟି ହୋଇଛି । ଆଜି ଦିନତମାମ ରାଜେନ୍ଦ୍ରଙ୍କୁ ମନାଇବା ନିମନ୍ତେ ବିଜେଡି ପକ୍ଷରୁ ସବୁପ୍ରକାର ପ୍ରୟାସ ଫେଲ୍ ମାରିବା ପରେ ସନ୍ଧ୍ୟାରେ ବିଜେଡି ତା'ର ଶେଷ ଗୋଟି ଚଳାଇଛି । ନିର୍ଭରଯୋଗ୍ୟ ସୂତ୍ର ଅନୁସାରେ, ବିଜେଡିର ନୀତିନିର୍ଦ୍ଧାରକଙ୍କ ସହ ଭିଡିଓ କଲିଂ ମାଧ୍ୟମରେ କଥାବାର୍ତ୍ତା କରାଇ ରାଜେନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ ହୋଇଛି । ଯେଉଁଥିରେ ତାଙ୍କୁ ଧାମନଗର ନିର୍ବାଚନ ପରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାରେ ଥଇଥାନ କରାଯିବା ସହ ଆଗାମୀ ଦିନରେ ମଧ୍ୟ ଦଳରେ ଆବଶ୍ୟକ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି । ଏହି ଅଫର ଉପରେ ରାଜେନ୍ଦ୍ରଙ୍କ ଆଭିମୁଖ୍ୟ କ'ଣ ରହିଛି ତାହା ଜଣାପଡିନି । ତେବେ ସେ ନିଜର ସମର୍ଥକଙ୍କ ସହ ବିଚାରବିମର୍ଶ କରି ଉଚିତ୍ ନିଷ୍ପତ୍ତି ନେବେ ଓ ଦଳୀୟ ପ୍ରାର୍ଥୀ ଅବନ୍ତୀ ଦାସଙ୍କ ସପକ୍ଷରେ କାର୍ଯ୍ୟ କରିବେ ବୋଲି ବିଜେଡି ଆଶାବାଦୀ ଅଛି ।ମିଳିଥିବା ସୂଚନା ଅନୁସାରେ, ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ମୃତ୍ୟୁ ପରେ ଉପନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡିର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ନିର୍ବାଚନ ମଇଦାନକୁ ଆଗୁଆ ଓହ୍ଲାଇ ଦଳୀୟ ସଂଗଠନକୁ ସକ୍ରିୟ କରିବା ନିମନ୍ତେ ରାତିଦିନ ଏକ କରି ଦେଇଥିଲେ । ଏପରିକି ଧାମନଗର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠୁ ରାଜେନ୍ଦ୍ର ନିୟମିତ ଭାବେ ପ୍ରତ୍ୟେକ ଦିନ ନିର୍ବାଚନମଣ୍ଡଳୀ ବୁଲି ପ୍ରଚାର କାର୍ଯ୍ୟକୁ ଜୋରଦାର କରିଥିଲେ । ୨୦୧୯ ସାଧାରଣ ନିର୍ବାଚନରେ ସେ ମାତ୍ର ୪୬୨୫ଖଣ୍ଡ ଭୋଟରେ ପରାଜିତ ହୋଇଥିବା ରାଜେନ୍ଦ୍ର ଉପନିର୍ବାଚନରେ ଟିକେଟ୍ ପାଇବେ ବୋଲି ଦୃଢ଼ ନିଶ୍ଚିତ ଥିଲେ । ରାଜେନ୍ଦ୍ର ନିଜର ପ୍ରଚାର ଜୋରଦାର କରୁଥିବାବେଳେ ତାଙ୍କୁ ଦଳୀୟ ନେତୃତ୍ୱଙ୍କ ପକ୍ଷରୁ କୌଣସି ବିରୋଧର ସମ୍ମୁଖୀନ ହେବାକୁ ପଡିନଥିଲା ଓଲଟା ଧାମନଗରରେ ସଂଗଠନ ସୁଦୃଢ଼ କରିବାକୁ ସହଯୋଗ ମଧ୍ୟ ଯୋଗାଇ ଦିଆଯାଇଥିଲା । କିନ୍ତୁ ଗତ କିଛି ଦିନ ମଧ୍ୟରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା । ରାଜେନ୍ଦ୍ରଙ୍କୁ ପ୍ରାର୍ଥୀ ନକରାଇ ଦେବା ନିମନ୍ତେ ତାଙ୍କ ବିରୋଧୀ ଗୋଷ୍ଠୀ ଅଚାନକ ସକ୍ରିୟ ହୋଇଯାଇଥିଲା । ଯେଉଁଥିପାଇଁ ନିଜ ପତ୍ନୀ ଭଦ୍ରକ ସାଂସଦ ଥାଇ ମଧ୍ୟ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଚଳିତ ଉପନିର୍ବାଚନରେ ପ୍ରାର୍ଥୀ ହେବା ନିମନ୍ତେ ଗଣମାଧ୍ୟମ ଆଗରେ ନିଜର ଆଶା ବ୍ୟକ୍ତ କରିବାକୁ ପଛାଇ ନଥିଲେ ।ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ଅଧିକ ଜଟିଳ କରିବା ନିମନ୍ତେ ଭଦ୍ରକ ଜିଲ୍ଲାର ଜଣେ ଯୁବ ବିଧାୟକ ନିଜ ଡାକ୍ତର ବନ୍ଧୁଙ୍କୁ ପ୍ରାର୍ଥୀ କରିବା ନିମନ୍ତେ ପ୍ରସ୍ତାବ ଦେବା ସହ ଗଣମାଧ୍ୟମରେ ଚର୍ଚ୍ଚା ମଧ୍ୟ କରାଇଥିଲେ । ଏହି ଦୁଇ 'ଡମି ପ୍ରାର୍ଥୀ'କୁ ମଇଦାନକୁ ଆଣି ରାଜେନ୍ଦ୍ରଙ୍କ ପ୍ରାର୍ଥିତ୍ୱ ଉପରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ତାଙ୍କ ବିରୋଧୀ ଗୋଷ୍ଠୀ ପୁରା ଦମରେ ଲାଗି ପଡିଥିଲା । ଆଉ ଶେଷରେ ଡାର୍କ ହର୍ସ ଭାବେ ଅବନ୍ତୀ ଦାସଙ୍କୁ ଦଳୀୟ ପ୍ରାର୍ଥୀ କରାଇ ଏହି ବିରୋଧୀ ଗୋଷ୍ଠୀ ନିଜର ଚକ୍ରାନ୍ତରେ ସଫଳ ହେବା ସହ ରାଜେନ୍ଦ୍ରଙ୍କୁ ପୁଣିଥରେ କୋଣଠେସା କରାଇବାରେ ସକ୍ଷମ ହୋଇଛନ୍ତି । ମାତ୍ର ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟକୁ ବହୁ ଆଗକୁ ନେଇ ଯାଇଥିବା ରାଜେନ୍ଦ୍ର ପୁଣିଥରେ ପଛକୁ ଫେରିବା ମୁଡରେ ନଥିବା ଏବଂ ନିଜ ରାଜନୀତିକ କ୍ୟାରିୟର ନିମନ୍ତେ ସମର୍ଥକମାନଙ୍କ ଚାପକୁ ଦେଖି ସ୍ୱାଧୀନ ପ୍ରାର୍ଥୀ ହୋବକୁ ଚାହୁଁଥିବାରୁ ବିଜେଡି ପାଇଁ ଅଡୁଆ ବଢିଛି ।ବିଜେଡିର ଗୋଷ୍ଠୀକନ୍ଦଳ ମଧ୍ୟରେ ରାଜେନ୍ଦ୍ରଙ୍କ ସ୍ୱାଧୀନ ପ୍ରାର୍ଥୀ ହେବା ପରୋକ୍ଷରେ ବିଜେପି ପ୍ରାର୍ଥୀଙ୍କ ନିମନ୍ତେ ବିଜୟ ମାର୍ଗକୁ ପ୍ରଶସ୍ତ କରିବ । ଯଦିଓ ରାଜେନ୍ଦ୍ର ଉପନିର୍ବାଚନରେ ଜିତିପାରିବେ ନାହିଁ ବୋଲି ଗୁଇନ୍ଦା ରିପୋର୍ଟକୁ ଆଳ ଦେଖାଇ ତାଙ୍କୁ ଟିକେଟରୁ ବଂଚିତ କରାଯାଇଥିବା ନେଇ ବିଜେଡି ନେତୃତ୍ୱ ସଫେଇ ଦେଉଥିଲେ ମଧ୍ୟ ଭଦ୍ରକରେ ଥିବା କୁଚକ୍ରୀ ଗୋଷ୍ଠୀକୁ ଉଚିତ୍ ଶିକ୍ଷା ଦେବାକୁ ରାଜେନ୍ଦ୍ର ମଇଦାନକୁ ଓହ୍ଲାଇ ପାରନ୍ତି ବୋଲି ତାଙ୍କ ସମର୍ଥକମାନେ ଆଶା ବାନ୍ଧିଛନ୍ତି । ଏଥିପାଇଁ ରାଜେନ୍ଦ୍ରଙ୍କ ହାତଲେଖା ଏକ ଚିଠି ମଧ୍ୟ ଧାମନଗର ସାରା ଘୁରିବୁଲୁଛି । ଯେଉଁଥିରେ ସେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଉଜାଗର କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଏଥିଯୋଗୁ ରାଜେନ୍ଦ୍ରଙ୍କ ପ୍ରତି ସହାନୁଭୂତି ମଧ୍ୟ ବଢ଼ିବାରେ ଲାଗିଛି ।ରାଜେନ୍ଦ୍ରଙ୍କ ସହଯୋଗୀ ତଥା ବିଜେଡିର ସ୍ଥାନୀୟ ବରିଷ୍ଠ ନେତା ଶଶଧର ସାମଲ ଓ ରତିକାନ୍ତ ମଲ୍ଲିକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କୁଚକ୍ରୀ ଗୋଷ୍ଠୀଙ୍କ ଷଡଯନ୍ତ୍ର ଯୋଗୁ ରାଜେନ୍ଦ୍ର ଦାସଙ୍କୁ ଟିକେଟ୍ ମିଳିନି । ରାଜେନ୍ଦ୍ରଙ୍କ ବିନା ଏଠାରେ ବିଜେଡି ପ୍ରାର୍ଥୀ ଜିତିବା ସମ୍ଭବପର ନୁହେଁ । ରାଜେନ୍ଦ୍ର ଦୀର୍ଘଦିନ ଧରି ସଂଗଠନ ରଖିଥିବାବେଳେ ତାଙ୍କ ପ୍ରତି ଏଭଳି ଅନ୍ୟାୟ ଠିକ୍ ହୋଇନି । ଦଳ ପୁଣିଥରେ ଏହାର ପୁନର୍ବିଚାର କରିବ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି । ତେବେ ରାଜେନ୍ଦ୍ର କେଉଁ ଆଭିମୁଖ୍ୟ ପୋଷଣ କରୁଛନ୍ତି ତାହା ଆସନ୍ତାକାଲି ସ୍ପଷ୍ଟ ହୋଇଯିବ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଟାଟା ସନ୍ସ ଅଧ୍ୟକ୍ଷ




ଭୁବନେଶ୍ୱର,୧୩।୧୦(ପି.ଏନ): ଟାଟା ସନ୍ସ ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ ଆଜି ସନ୍ଧ୍ୟାରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଓଡିଶାରେ ଟାଟା ଷ୍ଟିଲ୍ ସମେତ ଟାଟା ସନ୍ସର ବିଭିନ୍ନ ପ୍ରକଳ୍ପ ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହେବା ସହ ଭୁବନେଶ୍ୱର ଟିସିଏସ୍ ସେଂଟରର କ୍ଷମତା ୧୫ହଜାରକୁ ବୃଦ୍ଧି ହେବ ବୋଲି ବୈଠକରୁ ଜଣାପଡିଛି ।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଟାଟା ସନ୍ସ ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ ଓ ଟାଟା ଷ୍ଟିଲ ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ୍ ଆଜି ସନ୍ଧ୍ୟାରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କମ୍ପାନୀର ବିଭିନ୍ନ ପ୍ରକଳ୍ପ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଓଡିଶାରେ ନିଜର ପ୍ରକଳ୍ପ ଆଦି ସମ୍ପ୍ରସାରଣ କରିବା ନିମନ୍ତେ ଟାଟା ସନ୍ସକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି ।

## ମାଟିରେ ମିଶିଲା ବହୁ ଚର୍ଚ୍ଚିତ ତ୍ରାହି ଅଚ୍ୟୁତ ଆଶ୍ରମ

ଭୁବନେଶ୍ୱର,୧୩।୧୦(ପି.ଏନ): ବହୁଚର୍ଚ୍ଚିତ ତ୍ରାହି ଅଚ୍ୟୁତ ଆଶ୍ରମ ଅଂଚଳରେ ଥିବା ବେଆଇନ କୋଠା ଗୁଡିକ ଉପରେ ବୁଲଡୋଜର ଚାଲିଛି। ଭୁବନେଶ୍ୱର ଉପକଣ୍ଠସ୍ଥ ଝିଂଟି ଶାସନ ତ୍ରାହି ଅଚ୍ୟୁତ ନଗର ମୌଜାରେ ପ୍ରାୟ ୨୧ଟି ପ୍ଲଟ ରହିଛି। ସମ୍ପୃକ୍ତ ପ୍ଲଟ୍ ରେ ବେଆଇନ ଭାବରେ କୋଠା ନିର୍ମାଣ ହୋଇଥିଲା। ଗୁରୁବାର ଦିନ ପୋଲିସ ଓ ବିଡିଏର ମିଳିତ ଟିମ୍ ପକ୍ଷରୁ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ବେଳେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଉତେଜନା ଦେଖା ଦେଇଥିଲା। ଉକ୍ତ ପ୍ଲଟ ମାନଙ୍କରେ ରହୁଥିବା ମହିଳା ମାନେ ଉଚ୍ଛେଦକୁ ବିରୋଧ କରିଥିଲେ । ସୂଚନାଯୋଗ୍ୟ ସୁରେନ୍ଦ୍ର ନାଥ ମିଶ୍ର ଓରଫ ସୁର ବାବା ୧୯୮୨ ମସିହାରେ ତ୍ରାହି ଅଚ୍ୟୁତ ଆଶ୍ରମ ପ୍ରତିଷ୍ଠା କରିଥିଲେ। ପୋଥିରେ ଲୋକଙ୍କ ଅତୀତ, ଭବିଷ୍ୟତ ବିଷୟରେ ଅବଗତ କରାଇ ଅମାପ ସମ୍ପତି ଅର୍ଜନ କରିଥିଲେ । ଆଶ୍ରମକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଲୋକମାନେ ଆସୁଥିଲେ।

## ଆସନ୍ତାକାଲି ଓଡିଶା ଆସିବେ ମଲ୍ଲିକାର୍ଜୁନ ଖଡ୍‌ଗେ

ଭୁବନେଶ୍ୱର,୧୩।୧୦(ପି.ଏନ): ଆସନ୍ତାକାଲି (ଶୁକ୍ରବାର)ଓଡ଼ିଶା ଆସିବେ କଂଗ୍ରେସ ସଭାପତି ପ୍ରାର୍ଥୀ ମଲ୍ଲିକାର୍ଜୁନ ଖଡ୍‌ଗେ। ଓଡିଶା ଗସ୍ତ ଅବସରରେ ସେ କଂଗ୍ରେସ ଭବନରେ ଭୋଟ ଦେବାକୁ ଥିବା ସଦସ୍ୟଙ୍କୁ ଭେଟିବେ ଏବଂ ସଭାପତି ନିର୍ବାଚନରେ ସମର୍ଥନ ପାଇଁ ସଦସ୍ୟଙ୍କୁ ଅପିଲ୍ କରିବେ। ସୂଚନାଯୋଗ୍ୟ ଯେ ଆସନ୍ତା ୧୭ ତାରିଖରେ ଏଆଇସିସି ଅଧ୍ୟକ୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ୧୯ ତାରିଖରେ ଫଳାଫଳ ପ୍ରକାଶ ପାଇବ।

## ସରଳା ୟାର୍ଡଠାରେ ଏକ ମାଲବାହୀ ଟ୍ରେନର ୪ଟି ବଗି ଲାଇନଚ୍ୟୁତ

ଭୁବନେଶ୍ୱର, ୧୩।୧୦(ପି.ଏନ): ସମ୍ବଲପୁର-ଝାରସୁଗୁଡ଼ା ରେଲଲାଇନର ସରଳା ୟାର୍ଡଠାରେ ଏକ ମାଲବାହୀ ଟ୍ରେନର ୪ଟି ବଗି ଲାଇନଚ୍ୟୁତ ହୋଇଛି। ବୁଧବାର ବିଳମ୍ବିତ ରାତ୍ରିରେ ଏହି ଦୁର୍ଘଟଣା ଘଟିଥିଲା।ଏହି ଦୁର୍ଘଟଣା କାରଣରୁ ଟ୍ରେନ ଚଳାଚଳ କିଛି ମାତ୍ରାରେ ବାଧା ପ୍ରାପ୍ତ ହୋଇଥିଲେ । ଏହି ରୁଟରେ ଚାଲୁଥିବା କିଛି ଟ୍ରେନକୁ ରଦ୍ଦ କରା ଯାଇଥିବା ବେଳେ କିଛି ଟ୍ରେନକୁ ପରିବର୍ତ୍ତିତ ମାର୍ଗରେ ଚଳା ଯାଉଛି ବୋଲି ରେଳବାଇ ଅଧିକାରୀ ମାନେ କହିଛନ୍ତି ।ମାଲଗାଡିର ଚାରୋଟି ବଗି ଲାଇନଚ୍ୟୁତ ହେବା ପରେ ସଙ୍ଗେ ସଙ୍ଗେ ମରାମତି କାମ ଆରମ୍ଭ କରା ଯାଇଥିଲା। ସବିଶେଷ ଜାଂଚ ପରେ ଏହି ଦୁର୍ଘଟଣାର ମୁଖ୍ୟ କାରଣ ସମ୍ପର୍କରେ ଜଣା ପଡିବ ବୋଲି ଜଣେ ବରିଷ୍ଠ ରେଳବାଇ ଅଧିକାରୀ କହିଛନ୍ତି ।

## ସ୍କୁଲ ପିଲା ଶିଖିବେ ଫ୍ରେଂଚ୍ ଭାଷା !

ଭୁବନେଶ୍ୱର, ୧୩।୧୦(ପି.ଏନ): ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱଥୀ.ଏସ୍ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ କୋଲକାତାରେ ଥିବା କନସୋଲାଟ୍ ଜେନେରାଲ ଡେଡିଅର ତାଲପେନ୍ ଙ୍କ ନେତୃତ୍ୱରେ ଫ୍ରେଂଚ ପ୍ରତିନିଧିମଣ୍ଡଳ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ପାଇଁ ଫ୍ରେଂଚ ଭାଷା ଶିକ୍ଷା ନିମନ୍ତେ ଗଣଶିକ୍ଷା ସଚିବଙ୍କ ସହିତ ଆଲୋଚନା କରିଥିଲେ । ଫ୍ରେଂଚ ଭାଷାର ଶିକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଫ୍ରେଂଚ ଡେଲିଗେସନ ସୂଚନା ପ୍ରଦାନ କରିବା ସହ ରାଜସ୍ଥାନ ଓ ଦିଲ୍ଲୀ ଭଳି ଓଡ଼ିଶାରେ ମଧ୍ୟ ଫ୍ରେଂଚ ଭାଷା ଶିକ୍ଷାର ପ୍ରସାର ପାଇଁ ସେମାନେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ସଚିବ ଫ୍ରେଂଚ ଭାଷା ଶିକ୍ଷା ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସ୍ତରରେ ବିସ୍ତୃତ ଆଲୋଚନା କରି ପରବର୍ତ୍ତୀ ସମୟରେ ଅବଗତ କରାଯିବ ବୋଲି ଫ୍ରେଂଚ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଫ୍ରେଂଚ ଡେଲିଗେସନରେ ଆସିଥିବା ଏମାନୁଏଲ୍ ଲେବ୍ରୁନ୍- ଡାମିଏନ୍ସ, ଫାତିହା କାମୋସି, ଆଲିଶଗନି ଓ ଅଞ୍ଜିତା ରାୟଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣା ସଚେତନତା ଶିବିର



ଲଛିପୁର, ସୋନପୁର, ୧୩।୧୦(ପି.ଏନ): ଗତକାଲି ସ୍ଥାନୀୟ ତିନି ଔଷଧ ଦୋକାନୀ ଙ୍କ ଉଦ୍ୟମରେ ଏକ ଦୁର୍ଘଟଣା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ନିକଟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲଛିପୁର ଗ୍ରାମର ଶରତ ପଟ୍ଟନାୟକ ଏବଂ ସାଗରୀକା ସାହୁ ଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ମଣିଷ ଜୀବନର ଅନିଶ୍ଚିତତା ପାଇଁ ସମସ୍ତେ କିଛି ନା କିଛି ଦୁର୍ଘଟଣା ବୀମା ଯୋଜନାରେ ଆର୍ଥିକ ସୁରକ୍ଷା କରାଇବାର ଆବଶ୍ୟକତା କୁ ଉପଲବ୍ଧି କରି ଏହି ଅବସରରେ ଭାରତୀୟ ଡାକ ବିଭାଗ ର ସ୍ୱଳ୍ପ ପ୍ରିମିୟମ୍ ରେ ମିଳୁଥିବା ଗ୍ରୁପ୍ ଇନସୁରେନ୍ସ ରେ ପ୍ରାୟ ସତୁରୀ ଜଣ ବୀମା ଭୁକ୍ତ ହୋଇଥିଲେ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ, ସୋନପୁରର ମେନେଜର ଶ୍ରୀ କୃଷ୍ଣଚନ୍ଦ୍ର ନାଏକ୍ ଏବଂ ତାଙ୍କ ସହକର୍ମୀ ମାନେ ଯୋଗଦେଇ ଭାରତୀୟ ଡାକ ବିଭାଗ ଦ୍ୱାରା ଆରମ୍ଭ କରାଯାଇ ଥିବା ଦୁର୍ଘଟଣା ବୀମା ଅତି ସ୍ୱଳ୍ପ ମୂଲ୍ୟ ରେ ମିଳୁଥିବାରୁ ଏହାର ସୁଯୋଗ ନେବା ଉଚିତ୍ ବୋଲି ମତ ବ୍ୟକ୍ତ କରିଥିଲେ। ସ୍ଥାନୀୟ ଔଷଧ ଦୋକାନୀ ଙ୍କ ଏଭଳି ଏକ ଜନସଚେତନତା କାର୍ଯ୍ୟକ୍ରମ କୁ ସମସ୍ତେ ଅଭିନନ୍ଦନ ଜଣାଇଥିଲେ। ଏହା ସଂଗେ ସ୍ଥାନୀୟ ପୋଷ୍ଟାଲ୍ ସବ୍ ଅଫିସରୁ ଅଧିକାଂଶ ସମୟରେ ସେବା ମିଳୁନଥିବାରୁ ସର୍ବସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଡାକ ବିଭାଗ ଅଧୀକ୍ଷକ ଏଥିପାଇଁ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଜନସାଧାରଣ ଚେତାବନୀ ଦେଇଥିଲେ।

## ହିଜାବ ବ୍ୟାନ: କେମିତି ଅଲଗା ଅଲଗା ରାୟ ଦେଲେ ଦୁଇ ବିଚାରପତି ?



ନୂଆଦିଲ୍ଲୀ,୧୩।୧୦(ପି.ଏନ): ଶିକ୍ଷାନୁଷ୍ଠାନର ଶ୍ରେଣୀ ଗୃହରେ ହିଜାବ ପରିଧାନ ଉପରେ କର୍ଣ୍ଣାଟକା ସରକାର ଲଗାଇଥିବା ବ୍ୟାନ ଠିକ୍ ? ନା ଭୁଲ ? ଏହାର ନିଷ୍ପତ୍ତି ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ନେଇ ପାରି ନାହାନ୍ତି। ଦୁଇ ଜଣିଆ ଖଣ୍ଡପୀଠଙ୍କ ରାୟ ଭିନ୍ନଭିନ୍ନ ହେବାରୁ ଏବେ ମାମଲାର ଶୁଣାଣି ବୃହତ୍ତର ବେଞ୍ଚରେ ହେବ ।ମାମଲାକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ପାଖକୁ ପଠାଇ ଦିଆଯାଇଛି। ସେ ବେଞ୍ଚ ଗଠନ କରିବା ସହ ମାମଲାକୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିବେ। ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠରେ ଥିବା ଜଷ୍ଟିସ ହେମନ୍ତ ଗୁପ୍ତା ହିଜାବ ବ୍ୟାନକୁ ସମର୍ଥନ କରିଥିବା ବେଳେ ଜଷ୍ଟିସ ସୁଧାଂଶୁ ଧୁଲିଆ କହିଥିଲେ ଯେ ସେ ବେଶ ସମ୍ମାନର ସହ ଏଥିରେ ଏକମତ ନୁହନ୍ତି। ତାଙ୍କ ମତରେ ଝିଅଙ୍କ ଶିକ୍ଷା ବର୍ତ୍ତମାନ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।ଜଷ୍ଟିସ ଧୁଲିଆ ତାଙ୍କ ରାୟରେ ଧର୍ମନିରପେକ୍ଷ, ସାମ୍ବିଧାନିକ ସ୍ୱାଧୀନତା ଓ ଝିଅଙ୍କ ଶିକ୍ଷାକୁ ଅଗ୍ରାଧିକାର ଦେଇଛନ୍ତି। ସେ କହିଛନ୍ତି, "ଝିଅମାନଙ୍କ ଶିକ୍ଷାଧିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ଗ୍ରହଣ କରିବାରେ ଝିଅମାନଙ୍କୁ ଅନେକ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସମସ୍ୟା ସେମାନଙ୍କ ସାମ୍ନାରେ ରହୁଛି। କିନ୍ତୁ ଆମେ ଏମିତି କିଛି ପ୍ରତିବନ୍ଧକ ଲଗାଇ ସେମାନଙ୍କ ଜୀବନକୁ ଅଧିକ ସୁନ୍ଦର କରିପାରୁଛେ ? ଆମ ସମ୍ବିଧାନର ଅନେକ ଦିଗ ମଧ୍ୟରୁ ଗୋଟିଏ ହେଉଛି ବିଶ୍ୱାସ। ଆମର ସମ୍ବିଧାନ ମଧ୍ୟ ବିଶ୍ୱାସର ଏକ ଦସ୍ତାବିଜ। ବିଦ୍ୟାଳୟରେ ଅନୁଶାସନ ରହିବା ଆବଶ୍ୟକ। କିନ୍ତୁ ଏହି ଅନୁଶାସନ ସ୍ୱାଧୀନତା ଓ ସମ୍ମାନର ମୂଲ୍ୟ ଦେଇ ନ ହେବା ଉଚିତ। ସ୍କୁଲ ଗେଟରେ ଜଣେ ସ୍କୁଲ ଛାତ୍ରୀଙ୍କୁ ହିଜାବ ବାହାର କରିବାକୁ କହିବା ତାଙ୍କ ଗୋପନୀୟତା ଓ ସମ୍ମାନ ଉପରେ ଆକ୍ରମଣ ।ହିଜାବ ପିନ୍ଧିବା ଓ ନ ପିନ୍ଧିବା କେବଳ ଗୋଟିଏ ପସନ୍ଦର କଥା। ଏହାଛଡା ଆଉ କିଛି ନୁହେଁ। ସମସ୍ତ ଆବେଦନକାରୀ ହିଜାବ ପିନ୍ଧିବାକୁ ଚାହୁଁଛନ୍ତି। କ'ଣ ଗଣତନ୍ତ୍ରରେ ଏହା ପଚାରିବାକୁ ଆମେ ଅତ୍ୟଧିକ କହିବା ? ଏହା କିପରି ନୈତିକତାର ବିରୋଧୀ ? ଏହି ମାମଲାରେ ଫୈସଲା ନେବାବେଳେ ଝିଅମାନଙ୍କର ଶିକ୍ଷାକୁ ମୁଁ ଅଧିକ ଗୁରୁତ୍ୱ ଦେଇଥିଲି ।ଏହା ସତ କଥା ଯେ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଝିଅମାନଙ୍କୁ ଶିକ୍ଷା ପାଇଁ ପୂର୍ବରୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କ'ଣ ପ୍ରତିବନ୍ଧକ ଦ୍ୱାରା ଆମେ ସେମାନଙ୍କ ଜୀବନକୁ ଅଧିକ ଉନ୍ନତ କରୁଛୁ ? ଏହି ପ୍ରଶ୍ନ ମଧ୍ୟ ମୋ ମୁଣ୍ଡରେ ଚାଲିଥିଲା। ଏବେକାର ସବୁଠାରୁ ଭଲ କଥା ହେଉଛି ଯେ ସକାଳୁ ଝିଅମାନେ କାନ୍ଧରେ ନିଜ ସ୍କୁଲ ବ୍ୟାଗ ଧରି ଶିକ୍ଷାନୁଷ୍ଠାନକୁ ବାହାରୁଛନ୍ତି। ସେମାନେ ଆମର ଆଶା। ସେମାନେ ଆମର ଭବିଷ୍ୟତ। କିନ୍ତୁ ଏହା ବି ସତ ଯେ ଭାଇମାନଙ୍କ ତୁଳନାରେ ଭଉଣୀମାନେ ଶିକ୍ଷାଲାଭ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭାରତ ବିଭିନ୍ନ ପ୍ରାନ୍ତରେ ଝିଅମାନେ ସ୍କୁଲ ଯିବା ପୂର୍ବରୁ ଘରର କାମ କରୁଛନ୍ତି। କ'ଣ ଆମେ ସେମାନଙ୍କ ଜୀବକୁ ଏହି ପ୍ରସଙ୍ଗରେ ଯୋଡି ଅଧିକ ଉନ୍ନତ କରୁଛୁ ?"ଅନ୍ୟପକ୍ଷରେ ଜଷ୍ଟିସ ହେମନ୍ତ ଗୁପ୍ତା ହିଜାବ ବ୍ୟାନ ବିରୋଧରେ ହୋଇଥିବା ଆବେଦନକୁ ଅଗ୍ରାହ୍ୟ କରିଛନ୍ତି। ସେ କହିଛନ୍ତି, ଧର୍ମନିରପେକ୍ଷତା ସବୁ ନାଗରିକଙ୍କ ପାଇଁ ଲାଗୁ। ତେଣୁ ଗୋଟିଏ ଧର୍ମର ଲୋକଙ୍କୁ ଧାର୍ମିକ ପୋଷାକ ପରିଧାନ କରିବାକୁ ଅନୁମତି ଦେବା ଧର୍ମନିପେକ୍ଷାତା ପ୍ରତି ଧକ୍କା। ଶ୍ରେଣୀ ଗୃହରେ ଧାର୍ମିକ ପୋଷାକ ପରିଧାନ କରିବାକୁ ଅନୁମତି ଦେଲେ ସାମ୍ବିଧାନିକ ମୂଲ୍ୟବୋଧର ପରାଜୟ ହେବ ।ସରକାରଙ୍କ ଦ୍ୱାରା ପରିଚାଳିତ ସ୍କୁଲରେ ସବୁ ଧର୍ମ, ଜାତି, ବର୍ଣ୍ଣ ଓ ଭାଷା ନିର୍ବିଶେଷରେ ପିଲାମାନଙ୍କ ନାମଲେଖାଇବାକୁ ଅନୁମତି ରହିଛି। ବାଧ୍ୟତାମୂଳକ ଭାବେ କୌଣସି ବି ସ୍ଥିତିରେ ପିଲାଙ୍କୁ କେହି ନାମା ଲେଖାଇବାକୁ ବାରଣ କରିପାରିବେ ନାହିଁ। ତେଣୁ ପିଲାମାନଙ୍କୁ ମଧ୍ୟ ସ୍କୁଲର ଶୃଙ୍ଖଳା ମାନିବାକୁ ପଡିବ। ବିଶେଷ କରି ୟୁନଫର୍ମ ନିୟମକୁ ସେମାନେ ମାନିବେ ।ସରକାରୀ ପାଣ୍ଠିରେ ପରିଚାଳିତ ଧର୍ମନିରପେକ୍ଷ ସ୍କୁଲରେ ଧର୍ମର ସଙ୍କ ?ତକୁ ଅନୁମତି ଦିଆଯାଇ ପାରିବ ନାହିଁ। ଧାର୍ମିକ ପୋଷାକ ପରିଧାନ କରିବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ସରକାରୀ ଅନୁଷ୍ଠାନରେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ସୀମା ରହିଛି। ତେଣୁ ଏହାକୁ ଅଣଦେଖା କରାଯାଇ ପାରିବ ନାହିଁ।"

## ତାମିଲନାଡୁ ଚାଲାଣ ବେଳେ୨୯ ଜଣ ଶ୍ରମିକ ଉଦ୍ଧାର, କରି ସର୍ଦାର କୁ ଗିରଫ କଲେ

ବଲାଙ୍ଗିର ,୧୩।୧୦(ପି.ଏନ): ତାମିଲନାଡୁ ଚାଲାଣ କରାଯାଉଥିବା ବେଳେ ଲାଠୋର ଥାନା ପୋଲିସ୍ ୨୯ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହାସହ ସେମାନଙ୍କୁ ସେଠାକୁ ନେଉଥିବା ଜଣେ ସର୍ଦ୍ଦାରକୁ ପୋଲିସ୍ ଗିରଫ କରିଛି ପୋଲିସ୍। ସୂଚନା ଅନୁଯାୟୀ ଗତ କାଲି ସନ୍ଧ୍ୟା ପ୍ରାୟ ୭ ଟା ରେ ଲାଠୋର ଥାନା ର ଏଏସଆଇ ଯତୀନ୍ଦ୍ର ବଢାଇ ସନ୍ଧ୍ୟା ପେଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ର ରୁ ଖବର ପାଇଥିଲେ ନୂଆପଡା କାନ୍ଦେତରା ଗାଁ ର ଜଣେ ସରଦାର ନୂଆପଡା ଜିଲ୍ଲାରୁ କିଛି ଶ୍ରମିକ ମାନଙ୍କୁ ବିପଦଜନକ ଅବସ୍ଥାରେ ଗୋଟିଏ ଟାଟା ପିକଅପ୍ ରେ ଯାହାର ନମ୍ବର ଓଏ ୦୬ ଏଠ ୮୦୮୫ ରେ କଂଟାବାଞ୍ଜି ଆଡକୁ ନେଇଯାଉଛି । ଖବରର ସତ୍ୟାସତ୍ୟ ଜାଣିବା ପାଇଁ ପିପଲବାହାଲ ଗାଁ ବାହାରେ ଥିବା ଲାନ୍ଥ ନଦୀ ବ୍ରିଜ ପାଖରେ ଲାଠୋର ପୋଲିସ ଷ୍ଟାଫ ଜଗି ରହିଲେ, କିଛି ସମୟପରେ ଉକ୍ତ ଗାଡି ଓ ତାର ପଛରେ ଗୋଟିଏ ବୋଲେରୋ ଆସୁଥିବାର ଦେଖି ଉକ୍ତ ଦୁଇ ଗାଡି ଅଟକ ରଖି ପଚରା ଉଚୁରା କରିଥିଲେ । ଯାଂଚ ସମୟରେ ୧୧ ଜଣ ମହିଳା , ୧୬ ଜଣ ପୁରୁଷ ଲୋକ ଓ ୯ ଜଣ ଶିଶୁଙ୍କୁ ଉଦ୍ଧାର କରିଥିଲେ, ସେମାନଙ୍କୁ ଉକ୍ତ ବୋଲେରୋରେ ବସିଥିବ। କାନ୍ଦେତର। ଗାଁର ସରଦାର କୌଶର ଖାନ ତାମିଲନାଡୁ ରାଜ୍ୟକୁ ଚାଲାଣକରିବା ପାଇଁ ନେଉଥିଲା। ସେମାନଙ୍କୁ ବାହାର ରାଜ୍ୟକୁ ନେବାର ପାଇଁ କୌଣସି କାଗଜପାତ୍ର ମାଗିବାରେ ଦେଖାଇପାରିଲା ନାହିଁ । ଉଦ୍ଧାର ହୋଇଥିବା ଉକ୍ତ ୧୧ ଜଣ ମହିଳା , ୧୬ ଜଣ ପୁରୁଷ ଲୋକ ଓ ୯ ଜଣ ଶିଶୁଙ୍କୁ ଲାଠୋର ପୁଲିସ ତାଙ୍କ ନିଜ ଗ୍ରାମ କୁ ନେଇ ତାଙ୍କ ସମ୍ପର୍କୀୟ ଙ୍କୁ ହସ୍ତାନ୍ତର କଲେ । ସେହିପରି ଅଭିଯୁକ୍ତ କୌଶର ଖାନ ପି. ବଡେଲାଲ ଖାନ ଗ୍ରା.କାନ୍ଦେତର। ଥା. କୋମନା ଜି. ନୂଆପଡା ଙ୍କୁ ଗିରଫ କରି ମାନ୍ୟବର ଅଦାଲତଙ୍କ ସମୁଖରେ ହାଜର କରା ଯାଇଥିଲା । ଅଦାଲତ ତାଙ୍କର ଜାମିନ ନାମଞ୍ଜୁର କରି ବିଚାର ବିଭାଗୀୟ ହାଜତ କୁ ପଠେଇ ଦେଇ ଥିଲେ । ପୋଲିସ ଏସମ୍ପର୍କରେ ଲାଠୋର ଥାନା ଏକ ମୋକଦମା ରୁଜୁ କରିଥିବା ପାଟଣାଗଡ଼ ଏସ୍ ଡି ପି ଓ ଜ୍ୟୋତିର୍ମୟୀ ଭୁକ୍ତା ପ୍ରକାଶ କରିଛନ୍ତି।

## ଦୀପାବଳି ଦିନ ସୂର୍ଯ୍ୟୋପରାଗ : କାର୍ତ୍ତିକ ପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ

ପୁରୀ, ୧୩।୧୦(ପି.ଏନ): ଚଳିତ ବର୍ଷ ଦୀପାବଳି ଦିନ ଅର୍ଥାତ୍ ଅକ୍ଟୋବର ୨୫ ତାରିଖରେ ପଡୁଛି କେତୁଗ୍ରସ୍ତ ଖଣ୍ଡ ଗ୍ରାସ ସୂର୍ଯ୍ୟୋପରାଗ। ଏହି ସମୟରେ ପାକତ୍ୟାଗ ଓ ଦେବ ନୀତି ନିଷେଧ ରହିଛି। ସେଦିନ ପରାଗ ସ୍ପର୍ଶ ଅପରାହ୍ନ ୪ଟା ୫୬ ମିନିଟ୍ ୫୨ ସେକଣ୍ଡରେ ରହିଛି ଓ ସନ୍ଧ୍ୟା ୬ଟା ୨୬ ମିନିଟ୍ ୫୨ସେକେଣ୍ଡରେ ସର୍ବମୋକ୍ଷ ହେବ। ସୂର୍ଯ୍ୟୋପରାଗର ୧୨ ଘଂଟା ପୂର୍ବରୁ ଅର୍ଥାତ୍ ୨୫ ତାରିଖ ଭୋର୍ ୪ଟା ୫୭ରୁ ପାକ ତ୍ୟାଗ ଓ ଦେବ ନୀତି ନିଷେଧ ହେବ । ସେଥିପାଇଁ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ସଅଳ କରିବାକୁ ନିଷ୍ପତି ହୋଇଛି।୨୪ ତାରିଖରେ ଦୀପଦାନ, ପର୍ଯ୍ୟାଶ୍ରାଦ୍ଧ, କାଳିପୂଜା ଓ ବଡ଼ବଡୁଆ ଡାକ ଅନୁଷ୍ଠିତ ହେବ। ରାତି ୧୨ଟାରେ ଶ୍ରୀମନ୍ଦିରରେ ଦ୍ୱାରଫିଟା ସହ ସାଢ଼େ ୨ଟାରୁ ୩ଟା ଭିତରେ ସକାଳଧୂପ, ଭୋର୍ ୪ଟାରେ ବାଲଧୂପ, ୪ଟା ୫୫ରେ ଭୋଗମଣ୍ଡପ ଶେଷ ହୋଇ ନୀତି ବନ୍ଦ ରହିବ। ଅପରାହ୍ନ ୪ଟା ୫୬ରେ ପରାଗ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ବଢ଼ିବା ପରେ ଅନ୍ୟାନ୍ୟ ନୀତି ଚାଲିବାକୁ ଛତିଶା ନିଯୋଗରେ ନିଷ୍ପତି ହୋଇଛି। ମୋଟ୍ ୧୬ ମିନିଟ ୨୬ ସେକେଣ୍ଡ ପାଇଁ ପୁରୀକୁ ସୂର୍ଯ୍ୟୋପରାଗ ଦୃଶ୍ୟମାନ ହେବ। ସେହିପରି ଏଥର କାର୍ତ୍ତିକ ପୂର୍ଣ୍ଣିମୀ ଅର୍ଥାତ୍ ନଭେମ୍ବର ୮ ତାରିଖ ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ସେଦିନ ଭୋର୍ ୪ଟା ୨୯ ପୂର୍ବରୁ ଡଙ୍ଗା ଭସା ଶେଷ କରିବାକୁ ହେବ। ସେହିଦିନ ସନ୍ଧ୍ୟା ୬ଟା ୧୯ ମିନିଟ୍ ପର୍ଯ୍ୟନ୍ତ ଦେବ ନୀତି ଓ ପାକ ତ୍ୟାଗକୁ ନିଷେଧ କରାଯାଇଛି।








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି



ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୧୪

# ଜୀବନର ଲକ୍ଷ୍ୟ !



ଭାରତୀୟ ଦର୍ଶନ କହେ-ଜନ୍ମ ମୃତ୍ୟୁର ସୀମିତ ପରିଧି ଭିତରେ ଜୀବନକୁ ଖୋଜାଯାଏନି । ମୃତ୍ୟୁ ପାଖରେ ଅଟକି ଯାଏନି ଜୀବନ । ନୂଆ ଶରୀରରେ ପ୍ରାଣପକ୍ଷୀ ନୂଆ ଅଭିନୟ ପାଇଁ ସଜବାଜ ହୁଏ । ପ୍ରକୃତପକ୍ଷେ କହିବାକୁ ଗଲେ ଜୀବନ ହେଉଛି ବହୁ ବିରୋଧାତ୍ମକ ଇତିବୃତ୍ତର ସମାହାର । କେତେବେଳେ ଦୟା, କ୍ଷମାର ପ୍ରତିଭୂ ତ ଅନ୍ୟ କେତେବେଳେ ସେ ଶୁଦ୍ଧ ପବିତ୍ର ତପସ୍ୱୀ ରୂପରେ ମହିମାନ୍ୱିତ । ମନେହୁଏ ସବୁ ଯେମିତି ଜନ୍ମ ଜନ୍ମାନ୍ତରର କର୍ମଫଳ । ଇହକାଳ ଓ ପରକାଳର ସମାହାରରେ ସମୟ ଗଡ଼ିଚାଲେ ମହାକାଳ ଦିଗକୁ । ସୁଖ ଦୁଃଖର ପରିସରରେ ଅଶ୍ରୁ ଓ ଆନନ୍ଦକୁ ଏକାକାର କରି ମନକୁ ପ୍ରବୋଧିବାକୁ ପଡ଼େ । କାରଣ ବିଶ୍ୱାସର ବିଶ୍ୱରେ କାଳକାଟେ ମଣିଷ । ଯେଉଁଠି କେତେବେଳେ ସେ ସୁଅ ମୁହଁର ପତର ତ ପୁଣି କେତେବେଳେ ଅତଳ ମହାମେରୁର ଇତିବୃତ୍ତ । ସମୟର ଧାରାରେ ଏଭଳି ବହୁ ଅନୁଭୂତି ସହ ସଂଯୋଜିତ ହୁଏ ମଣିଷ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ସମ୍ଭାବନା ଓ ଆଶ୍ୱାସନାରେ ଗଡ଼ିଚାଲେ ଜୀବନ । ସତ ମିଛର ଦୋଛକିରେ ଉଦ୍‌ଭ୍ରାନ୍ତ ହୁଏ ମଣିଷ ।

ବସ୍ତୁତଃ କହିବାକୁ ଗଲେ ସତ ମିଛର ପ୍ରହେଳିକା ଭିତରେ ନିତ୍ୟ ସନ୍ତୁଳିତ ଏ ମଣିଷ ବୁଝେନାହିଁ ଯେ, ସେ ପରମାତ୍ମାର ଏକ ଅଂଶ । ଏ ଜୀବାତ୍ମା ସର୍ବଦା ପରମାତ୍ମା ସହ ମିଳିତ ହେବା ଲକ୍ଷ୍ୟ ରଖି କାଳ ଅତିବାହିତ କରିଥାଏ । କାଳ ହାତରେ ସେ ଏକ ଖେଳନା ମାତ୍ର । ତାହାରି ନିର୍ଦ୍ଦେଶରେ ହିଁ ଘଟିଥାଏ ସମକାଳ ତଥା କାଳକାଳର ଘଟଣା । କାରଣ ଏ ଧରାବକ୍ଷରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରା; କେବଳ ଜୀବନ ନୁହେଁ । ତେଣୁ ତ କୁହାଯାଇଛି- ମୃତ୍ୟୁ ହେଉଛି ନବଜନ୍ମର ପ୍ରବେଶ ଦ୍ୱାର । ବାରମ୍ବାର ଜନ୍ମ ନେବା ଭିତରେ ଅସରନ୍ତି ମୋହ ଓ କୋହକୁ ନେଇ ସନ୍ତୁଳିତ ଏ ଆତ୍ମା କିନ୍ତୁ ନିତ୍ୟ ଖୋଜେ ପରମାତ୍ମାର ପରଶ । କାରଣ ଏ ମରଣଶୀଳ ମର୍ତ୍ତ୍ୟରେ ସବୁ ମଣିଷ ସଚେତନ ଆପଣାର ଅନ୍ତିମ ପରିଣତି ସଂପର୍କରେ । ପାଦେ ପାଦେ ଜୀବନର ଗୋଟିଏ ଗୋଟିଏ ପାହାଚ ଅତିକ୍ରମ କଲାବେଳେ ଅନୁଭବ କରିହୁଏ; ରକ୍ତମାଂସର ଏ ପଞ୍ଜୁରୀ ଘେରା ମରଶରୀରକୁ ତ୍ୟାଗ କରିବାକୁ ପଡ଼ିବ ।

ପରିଶେଷରେ କେବଳ ଏତିକି କହିବି-ସତ୍ୟ ସବୁବେଳେ ସତ୍ୟ । ଏହା ଆପେକ୍ଷିକ ନୁହେଁ । ବସ୍ତୁତଃ ଯାହା ସତ୍ୟ ତାହା ସବୁ ମଣିଷ ପାଇଁ, ସବୁ କାଳ ପାଇଁ ହିଁ ସତ୍ୟ । ଜନ୍ମ ଓ ମୃତ୍ୟୁ ମଧ୍ୟ ସେହିଭଳି ଏକ ମହାସତ୍ୟ । ଯାହାକୁ ଶକ୍ତି ଭାବରେ ଗ୍ରହଣ କରାଯାଇଛି । ଏହି ବିପରୀତାଭିମୁଖୀ ଦୁଇ ଶକ୍ତିରୁ ତୃତୀୟ ମହାସତ୍ୟଟିଏ ଜନ୍ମନିଏ; ତାହା ହେଉଛି ଜୀବନ । ଜନ୍ମ-ଜୀବନ-ମୃତ୍ୟୁ ଏହି ତିନୋଟି ମହାସତ୍ୟର ଯାତ୍ରା ଆରମ୍ଭ ହୋଇଥାଏ ପ୍ରାରବ୍ଧକୁ ଆଧାର କରି । କିନ୍ତୁ ଏ ସତ୍ୟକୁ ମଣିଷ ବୁଝିନପାରି ଭ୍ରମ ମଧ୍ୟରେ କାଳ କାଟେ, ଏବଂ ସତ୍ୟ ପାଖରେ ପହଞ୍ଚିଲା ବେଳକୁ ସରିଯାଇଥାଏ ଜୀବନ ।

'ପୁନରପି ଜନମମ୍ ପୁନରପି ମରଣମ୍/ପୁନରପି ଜନନୀ ଜଠରେ ଶୟନମ୍'- ଏହା ହେଉଛି ଭାରତୀୟ ଚେତନାର ମୂଳକଥା । ଏଠାରେ ମୃତ୍ୟୁ ଜୀବନର ଅନ୍ତିମ ବିନ୍ଦୁ ନୁହେଁ ବରଂ ଏହାକୁ ନୂତନ ପ୍ରବେଶ ଦ୍ୱାର ଭାବରେ ଗ୍ରହଣ କରାଯାଇଥାଏ । ଲୋକାନୁଭୂତିରେ ମଧ୍ୟ ଏହି ସତ୍ୟର ପ୍ରତିଫଳନ ବେଶ୍ ସୁସ୍ପଷ୍ଟ । ତେଣୁ ତ ଜୀବନ ଓ ଜଗତର ସତ୍ୟକୁ ଉନ୍ମୋଚନ କରିବାକୁ ଯାଇ କୋମଳମତି ଶିଶୁ ଆଗରେ ଆଇମା' କହେ- 'ମୋ କଥାଟି ସରିଲା, ଫୁଲ ଗଛଟି ମରିଲା' । କିନ୍ତୁ ନା' ଏଠି କଥା ସରେ, ନା' ଫୁଲଗଛ ମରେ । ପ୍ରଶ୍ନବାଚୀରୁ ଆରମ୍ଭ ହୁଏ-'ହଇରେ ଫୁଲଗଛ ତୁ କାହିଁକି ମଲୁ ?' ଏହି ପ୍ରଶ୍ନବାଚୀ ଏହି ଅନ୍ୱେଷାର ସୂତ୍ର ଅଦ୍ୟାବଧି ଖୋଜା ଚାଲିଛି ।

ଏଠାରେ କହିରଖେ ଭାରତୀୟ ଦର୍ଶନରେ ଯୁଗେ ଯୁଗେ ମାନବ ହେଉଛି ଅନ୍ୱେଷା ପଥର ପଥିକ । ଏହି ଅନ୍ୱେଷା ନାଭିରୁ ନଭ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଦିନେ ଭାରତୀୟ ଜୀବନଧାରାରେ ନଚିକେତା ଜୀବନର ସତ୍ୟ ଅନ୍ୱେଷଣରେ ଯମାଳୟକୁ ଗମନ କରିଥିବା କଥା ଉପନିଷଦ କହେ । ନଚିକେତାଠାରୁ ଏପରି ପ୍ରଶ୍ନ ଭାରତୀୟ ପରମ୍ପରାରେ ଅଦ୍ୟାବଧି ଅନୁରଣିତ ହୋଇଆସିଛି । ଏହି ଅନୁରଣିତ ଉତ୍ତର ଭିତରେ ଭାରତୀୟ ଜୀବନଯାତ୍ରାର ମହତ୍ତ୍ୱ ପ୍ରକଟିତ ହୋଇଛି । ପ୍ରକୃତରେ ଭାରତୀୟ ଜୀବନଧାରାରେ ଜୀବନ ହେଉଛି ଏକ ମହାଯାତ୍ରାର ଇତିବୃତ୍ତ । ଏ ଯାତ୍ରାଭିସାର ଅନ୍ଧ ହାତୀ ଦେଖିଲା ଭଳି । ଶୁଣ୍ଢରେ ପହଞ୍ଚିଲେ - ଶୁଣ୍ଢ ସତ୍ୟ କିମ୍ବା ଲାଞ୍ଜରେ ପହଞ୍ଚିଲେ ଲାଞ୍ଜ ସତ୍ୟ । ବାସ୍ତବିକ୍ କହିବାକୁ ଗଲେ ଭାରତୀୟ ସଂସ୍କୃତି ବିଶ୍ୱଜୀବନକୁ କରିଛି ସମୃଦ୍ଧ । ଜୀବନର ମୌଳିକ ପ୍ରଶ୍ନ ଉପରେ ଅନୁସନ୍ଧାନ ଭାରତ ବର୍ଷ ଭଳି ଅନ୍ୟ କୌଣସି ରାଷ୍ଟ୍ର ଏତେ ନିଷ୍ଠାର ସହ କରିପାରିନାହିଁ । ଭାରତୀୟ ପରମ୍ପରାର ନିର୍ମାତା ହେଉଛନ୍ତି ଏହି ସିଦ୍ଧ ସାଧକ ଗୋଷ୍ଠୀ । ସେମାନଙ୍କ ଅନୁଭୂତିଲବ୍ଧ ପ୍ରେରଣା ହିଁ ଏ ଜାତିକୁ ପ୍ରତ୍ୟେକ କ୍ଷେତ୍ରରେ ମହନୀୟ କରି ଗଢ଼ି ତୋଳିଛି । ଏହା ସ୍ଥୂଳ ନଶ୍ୱର ଅସ୍ତିତ୍ୱ ଭିତରେ ସୀମାବଦ୍ଧ ହୋଇ ନାହିଁ । ଜୀବନର ରହସ୍ୟ ଉଦ୍‌ଘାଟନ ସହ ଆତ୍ମ ଆବିଷ୍କାର ନିମନ୍ତେ ବହୁ ଉତ୍‌ଥାନ-ପତନ ଭିତରେ ଅନ୍ୱେଷଣର ମାର୍ଗ ଅବ୍ୟାହତ ରହିଛି । ମାନବର ଆଚରଣ ଓ ଉଚ୍ଚାରଣ ଏକ ଚୂଡ଼ାନ୍ତ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖି ଅଭ୍ୟୁଦୟ ପଥରେ ଅଗ୍ରସର ହେବା ସହ ଉତ୍ତରଣ ପଥକୁ ପ୍ରସାରିତ କରିଛି ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତବର୍ଷ କେବଳ ଭୌଗୋଳିକ ସୀମା ବା ଇତିହାସର ଘଟଣାଚକ୍ର ଭିତରେ ଦୈବାତ୍ ଜନ୍ମଗ୍ରହଣ କରିଥିବା ଏକ ଜନପଦ ନୁହେଁ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭାରତବର୍ଷର ଅର୍ଥ ବହୁ ବ୍ୟାପକ ଓ ସଂପୂର୍ଣ୍ଣ ଭିନ୍ନ । ବାସ୍ତବିକ ଭାରତବର୍ଷ ଏକ ପ୍ରତୀକ । ବିବର୍ତ୍ତିତ ଭବ୍ୟ ଧରିତ୍ରୀର ଅବଧାରିତ ଗୁରୁ । ଏଠାରେ ଆତ୍ମଜାଗୃତି ମାଧ୍ୟମରେ ଉଚ୍ଚତର ଚେତନା ଲାଭ କରିବା ହେଉଛି ଜୀବନର ଚରମ ଲକ୍ଷ୍ୟ । ତେଣୁ କଠୋପନିଷଦ କହେ-

*"ଆତ୍ମାନ୍ ରଥିନଂବିଦ୍ଧି ଶରୀର ରଥମେବତୁ*
*ବୁଦ୍ଧିଂତୁ ସାରଥିଂ ବିଦ୍ଧିମନଃ ପ୍ରଗହମେବଚ ।"*

ଅର୍ଥାତ୍ ତୁମେ ଆତ୍ମାକୁ ରଥୀ ଏବଂ ଶରୀରକୁ ରଥ ମନେକରିବା ସହ ବୁଦ୍ଧିକୁ ସାରଥି ଓ ମନକୁ ପ୍ରଗହ ବା ଲଗାମ୍ ମନେକର ।

ପରିଶେଷରେ କେବଳ ଏତିକି କହିବି- ଜୀବନ ଏକ ଜ୍ୟାମିତିକ ଜଟିଳ ଉପପାଦ୍ୟ । ଜୀବନର ଅର୍ଥ ସନ୍ଧାନରେ ମାନବର ପ୍ରତ୍ୟହ ଭେଟ ହୁଏ ଭିନ୍ନ ଭିନ୍ନ ସମସ୍ୟା ସହ । ସେ ପ୍ରତିକୂଳତା ଭିତରେ ସଂଗ୍ରାମ କରି କରି ଅମୃତ ପଥର ପଥିକ ସାଜେ; କିନ୍ତୁ ଜୀବନର ହଳାହଳ ହିଁ ତାକୁ ମହାନ୍ କରି ଗଢ଼ିତୋଳିବା ସହ ବଞ୍ଚିବାର ମନ୍ତ୍ର ଶିଖାଇଥାଏ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨

## ଆଜିର ଅନୁଚିନ୍ତା

ଭାଗ୍ୟରେ ଥିଲେ ପିତାମାତା ଓ ଗୁରୁଙ୍କଠାରୁ ଗାଳି ଶୁଣିବାକୁ ମିଳେ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଦୋ'ଛକିରେ ୟୁରୋପ !

ସୌମେନ୍ଦ୍ର ଜେନା



ଏକଦା ଆମେରିକା ୟୁରୋପର ଯେଉଁ ଅବସ୍ଥା ଦେଖିବାକୁ ଚାହୁଁଥିଲା ଏବେ ଖୁବ୍ କମ୍ ସମୟରେ ସେହିପରି ୟୁରୋପକୁ ଦେଖିବାକୁ ସକ୍ଷମ ହୋଇଛି । ରୁଷିଆ ସହ ଉତ୍ତମ ସଂପର୍କ ରଖି ଆସିଥିବା ୟୁରୋପର ରାଷ୍ଟ୍ରମାନଙ୍କୁ ଶିକ୍ଷା ଦେବା ପାଇଁ ଆମେରିକା ଯେଉଁ ଜାଲ ବିଛାଇଥିଲା ଏବେ ଅନେକ ରାଷ୍ଟ୍ର ସେହି ଜାଲରେ ପଡି ସାରିଲେଣି । ଜର୍ମାନୀ- ରୁଷିଆ ମଧ୍ୟରେ ଗ୍ୟାସ ପାଇପ ଲାଇନ ପ୍ରକଳ୍ପ (ନର୍ଡ ଷ୍ଟ୍ରୀମ ୧-୨) ଏକପ୍ରକାର ଲାଇଫ୍‌ଲାଇନ୍ ହେବ ବୋଲି ଆଶା କରାଯାଇଥିଲା । କିନ୍ତୁ ଏବେ ତାହା ଡିଜାଷ୍ଟର ଲାଇନ ହୋଇଛି । ଦଶ ବିଲିଅନ ଡଲାର ଖର୍ଚ୍ଚରେ ନିର୍ମିତ ସେହି ଗ୍ୟାସ୍ ପାଇପଲାଇନକୁ ସମୁଦ୍ର ମଧ୍ୟରେ ନଷ୍ଟ କଲାପରି ଘଟଣା ଘଟିଛି । ଯାହା ପଛରେ ଆମେରିକା କିମ୍ବା ୟୁକ୍ରେନର ହାତ ରହିଥିବା ସନ୍ଦେହ କରାଯାଉଛି । କାରଣ ପୂର୍ବରୁ ଏହି ପ୍ରକଳ୍ପକୁ ସଫଳ ହେବାକୁ ଆମେରିକା ଦେବ ନାହିଁ ବରଂ ନଷ୍ଟ କରିଦେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ବାଇଡେନ ଘୋଷଣା କରିଥିଲେ । ଯେଉଁଠାରେ ଉକ୍ତ ଗ୍ୟାସ ଲାଇନ ନଷ୍ଟ ହୋଇଛି ସେହି ଅଞ୍ଚଳ ଆମେରିକାର ଅକ୍ତିଆରରେ ଥିବା କୁହାଯାଉଛି । ଏପରିକି ଆମେରିକାକୁ ଆଗରେ ରଖି ୟୁକ୍ରେନ ମଧ୍ୟ ଏହା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି । କାରଣ ଯୁଦ୍ଧ ପରବର୍ତ୍ତୀ ଦିନରେ ରୁଷିଆକୁ ନିନ୍ଦା କଲା ପରି ଅନେକ କାର୍ଯ୍ୟ ୟୁକ୍ରେନ ନିଜେ କରି ରୁଷିଆ ନାମରେ ଗଡାଇଦେବାକୁ ଉଦ୍ୟମ କରିଆସିଛି । ନାଟୋ ଗୋଷ୍ଠୀର ସାମରିକ ସହାୟତା ପାଉଥିବା ୟୁକ୍ରେନ ନିଜକୁ ରୁଷିଆ ଠାରୁ ବଡ ଏବଂ ଶକ୍ତିଶାଳୀ ଦେଖାଇବାକୁ ଯାଇ ଅନେକ ଭୁଲ କାର୍ଯ୍ୟ କରିବାକୁ ପଛାଉନାହିଁ । ତେଣୁ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ କାଳରେ ୟୁକ୍ରେନ ପଛରେ ଯେଉଁ ସମର୍ଥନ ୟୁରୋପରେ ରହିଥିଲା ତାହା ଏବେ ଆଉ ନାହିଁ । ୟୁରୋପର ସାଧାରଣ ଜନତା ନିଜ ଦେଶର ସରକାରମାନଙ୍କୁ ଏହି ସମସ୍ୟା ପାଇଁ ଏବେ ସମାଲୋଚନା କରିବାକୁ ଲାଗିଛନ୍ତି । ଫଳରେ ଦୀର୍ଘଦିନ ଧରି ୟୁରୋପ ସାମ୍ୟବାଦୀ ଓ ସମାଜବାଦୀଙ୍କ ପ୍ରଭାବ ମଧ୍ୟରେ ରହି ଆସିଥିଲା ବେଳେ ଏବେ ଗୋଟିକ ପରେ ଗୋଟିଏ ରାଷ୍ଟ୍ରରେ ପ୍ରଚଣ୍ଡ ରାଷ୍ଟ୍ରବାଦୀ ସରକାର ଆସିବାରେ ଲାଗିଛନ୍ତି,ଯେଉଁମାନେ ପୂର୍ବର ତଥାକଥିତ ବାମବାଦୀ ନରମବାଦ କିମ୍ବା କେନ୍ଦ୍ରୀୟ ସମାଜବାଦକୁ ଛାଡିବାକୁ ଆହ୍ୱାନ ଦେଉଛନ୍ତି । ସେହି ଆହ୍ୱାନକୁ ୟୁରୋପର ଲୋକେ ମଧ୍ୟ ଗ୍ରହଣ କରିବାକୁ ଲାଗିଛନ୍ତି । ଫ୍ରାନ୍ସର ଲି ପେନ୍ ହୁଅନ୍ତୁ କିମ୍ବା ଇଟାଲିର ମେଲୋନୀଙ୍କ ପରି ନେତ୍ରୀମାନେ ଏହାର ପ୍ରମାଣ ।

ତିନିଦଶନ୍ଧି ପୂର୍ବେ ଲାଲକୃଷ୍ଣ ଆଡଭାନୀଙ୍କ ପରି ନେତାମାନେ ସୀମାପାର ଆତଙ୍କବାଦକୁ ଏକ ସମସ୍ୟା ବୋଲି କହିଲା ବେଳେ ଜାତିସଂଘରେ ଇଉରୋପ, ଦକ୍ଷିଣ ଆମେରିକା, କିମ୍ବା ଆଫ୍ରିକାର ନେତାମାନେ ଭାରତର ଅଭିଯୋଗକୁ ଗ୍ରହଣ କରିପାରୁ ନଥିଲେ । ସେତେବେଳେ ଅଟଳ ବିହାରୀ ବାଜପେୟୀ ଏହି ସମସ୍ୟାକୁ ବାରମ୍ବାର ବିଶ୍ୱ ରାଜନୀତିରେ ସ୍ଥାନ ଦେବାକୁ ଚାହିଁଥିଲେ । ହେଲେ ଅନ୍ୟର ସମସ୍ୟା ମୋ ସମସ୍ୟା ନୁହେଁ ବୋଲି ମନେକରୁଥିବା ୟୁରୋପର ନେତୃବୃନ୍ଦ ସନ୍ତ୍ରାସର ବ୍ୟାପକତାକୁ ବୁଝିପାରିନଥିଲେ । ଆଜି ଏହି ସଙ୍କଟ ସେମାନଙ୍କ ନିଜ ଦେଶରେ ଦେଖାଦେବା ପରେ ସେମାନଙ୍କ ମୁଣ୍ଡରେ ଚେତା ପଶିଛି । ଇସଲାମିକ ସନ୍ତ୍ରାସର ଭୟଙ୍କର ଭବିଷ୍ୟତ ସଂପର୍କରେ ସେମାନେ ଚିନ୍ତା କରି ପ୍ରଚଣ୍ଡ ରାଷ୍ଟ୍ରବାଦକୁ ଗ୍ରହଣ କରିବାକୁ ଜୋର ଦେଇଛନ୍ତି । ଏହି କ୍ରମରେ ୟୁରୋପରେ ରାଜନୀତିକ ସମୀକରଣ କ୍ରମଶଃ ବଦଳିବାରେ ଲାଗିଛି ।

ୟୁରୋପର ଅନେକ ରାଷ୍ଟ୍ର ନାଟୋ ମେଣ୍ଟରେ ରହିଥିଲେ ମଧ୍ୟ ଆମେରିକାର ଅସ୍ଥିରତା ସୃଷ୍ଟି ଆଭିମୁଖ୍ୟକୁ ପସନ୍ଦ କରିପାରୁ ନାହାନ୍ତି । ଆମେରିକା ନାଟୋର ସଦସ୍ୟ ରାଷ୍ଟ୍ରଗୁଡିକୁ ନିଜର ହାତବାରିସୀ ପରି ବ୍ୟବହାର କରିବାକୁ ଉଦ୍ୟମ କଲାବେଳେ ଅନେକ ରାଷ୍ଟ୍ର ତାର ବିରୋଧ କରୁଛନ୍ତି । ଯେମିତି ଆମେରିକା ମଧ୍ୟପ୍ରାଚ୍ୟରେ ପ୍ରାଧାନ୍ୟ ବିସ୍ତାର ପାଇଁ ଦୀର୍ଘ ତିନିଦଶନ୍ଧି ଧରି ଯୁଦ୍ଧର ଘନଘଟା ସୃଷ୍ଟି କରିଆସିଛି, ଇରାକ-କୁଏତ ଯୁଦ୍ଧ, ଆମେରିକା-ଇରାକ ଯୁଦ୍ଧ, ସିରିଆ ଏବଂ ଲିବ୍ୟା ପରି ଦେଶର ସରକାରକୁ ହଟାଇବାକୁ ଯାଇ ଆମେରିକାର ଆକ୍ରମଣ ପରେ ଯେଉଁ ଶରଣାର୍ଥୀ ସଙ୍କଟ ଦେଖାଦେଲା ତାର ସମ୍ମୁଖୀନ ହେଲେ ୟୁରୋପର ରାଷ୍ଟ୍ରଗୁଡିକ । ଏସବୁ ମଧ୍ୟପ୍ରାଚ୍ୟର ଦେଶରୁ ଅନେକ ଶରଣାର୍ଥୀ ମୁସଲମାନଙ୍କ ମଧ୍ୟରେ ସନ୍ତ୍ରାସୀ ସମର୍ଥକମାନେ ୟୁରୋପକୁ ପ୍ରବେଶ କରି ଏବେ ସେଠାରେ ଉଗ୍ରବାଦୀ କାର୍ଯ୍ୟକଳାପ ମାଧ୍ୟମରେ ସାମାଜିକ ସ୍ତରରେ ଅସ୍ଥିରତା ସୃଷ୍ଟି କରିବାରେ ଲାଗିଛନ୍ତି । ସେମାନେ ବ୍ରିଟେନ, ଫ୍ରାନ୍ସ, ବେଲଜିୟମ, ନରୱେ ପରି ଅନେକ ରାଷ୍ଟ୍ରରେ ଅପରାଧ, ହିଂସା, ଧର୍ମାନ୍ତରଣ, ଆଲ୍ଲା-କୋରାନ ଆଧାରିତ ୱାହବୀ ବିଚାରକୁ ପ୍ରସାରିତ କରିବାରେ ଲାଗିପଡିଛନ୍ତି । ମସଜିଦ୍ ଏବଂ ମଦ୍ରାସାର ସଂଖ୍ୟା ବୃଦ୍ଧିକରି ମୌଳବାଦୀ ଆରବୀ ଶିକ୍ଷା ଦେବାରେ ଲାଗିପଡିଛନ୍ତି । ଏସବୁକୁ ପୋଲାଣ୍ଡ ସରକାର ଖୋଲାଖୋଲି ବିରୋଧ କରିଥିଲେ । ପରେ ଅନ୍ୟାନ୍ୟ ରାଷ୍ଟ୍ରରେ ମଧ୍ୟ ଏହାକୁ ବିରୋଧ କରାଯାଉଛି । ଦିନକୁ ଦିନ ଖ୍ରୀଷ୍ଟିଆନ ବନାମ୍ ଇସଲାମର ଯୁଦ୍ଧଭୂମି ୟୁରୋପର ଅନେକ ଦେଶରେ ବଢିବାରେ ଲାଗିଛି । କୋରୋନାରେ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ୟୁରୋପର ରାଷ୍ଟ୍ରଗୁଡିକରେ ଏବେ ରୁଷିଆ-ୟୁକ୍ରେନ ଯୁଦ୍ଧପର ଆର୍ଥିକ ସଙ୍କଟ ଦେଖାଦେଇଛି ।

ରୁଷିଆ-ୟୁକ୍ରେନ ଯୁଦ୍ଧର ମୂଳ ଜର୍ମାନୀ-ରୁଷିଆ ଗ୍ୟାସ ପାଇପ୍ ଲାଇନ ପ୍ରକଳ୍ପ ବୋଲି ସମସ୍ତଙ୍କୁ ଜଣାଅଛି । ଏହି ଯୁଦ୍ଧ ଯୋଗୁ ଜର୍ମାନୀ ଏବେ ଅଧିକ କ୍ଷତିଗ୍ରସ୍ତ ହେବାକୁ ଯାଉଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗତ ୭୦ବର୍ଷରେ ସବୁଠୁ ବଡ ମାନ୍ଦାବସ୍ଥାର ସମ୍ମୁଖୀନ ହେବାପାଇଁ ୨୦୦ ବିଲିଅନ ୟୁରୋ ଶକ୍ତି ସହାୟତା ଦେବାଲାଗି ଜର୍ମାନୀ ସରକାର ନିଷ୍ପତ୍ତି ନେଇଛନ୍ତି । ଗତ ସେପ୍ଟେମ୍ବର ୨୦୨୦ରେ ୧୦ ପ୍ରତିଶତ ମୁଦ୍ରାସ୍ଫୀତି ଦେଶରେ ରହିଥିଲା । ରୁଷିଆର ଗ୍ୟାସ, ତୈଳ ଏବଂ କୋଇଲା ଯୋଗାଣ ୟୁରୋପକୁ ବନ୍ଦ ହେବା ଯୋଗୁ ଆସନ୍ତା ଶୀତଋତୁରେ ଶକ୍ତିସଙ୍କଟ ଦେଖାଦେବ । ବିଦ୍ୟୁତ କାଟ ସମସ୍ୟା ଯୋଗୁ ଇଣ୍ଟରନେଟ୍ ଏବଂ ମୋବାଇଲ ସେବା ବ୍ୟାହତ ହେବାର ଆଶଙ୍କା ଦେଖାଦେଇଛି । ଏବେ ସମସ୍ତ ସେବାରେ ଇଣ୍ଟରନେଟର ଆବଶ୍ୟକ ହେଉଥିବା ହେତୁ ୟୁରୋପର ବ୍ୟବସ୍ଥା ଅଚଳ ହେବାର ସମ୍ଭାବନା ଅଧିକ ରହିଛି । ଫ୍ରାନ୍ସ, ଜର୍ମାନୀ ଏବଂ ଇଟାଲୀର ସରକାର ସେଠାକାର ଟେଲିକମ୍ କମ୍ପାନୀମାନଙ୍କ ସହ ଏଥିପାଇଁ ଆଲୋଚନା ଆରମ୍ଭ କରିଛନ୍ତି । ବ୍ରିଟେନର ସରକାର ୧୫୦ ବିଲିଅନ ପାଉଣ୍ଡ ଋଣ କରିବାକୁ ସ୍ଥିର କରିଛନ୍ତି । ପାଉଣ୍ଡ ଏବଂ ୟୁରୋର ଡଲାର ତୁଳନାରେ ମୂଲ୍ୟ ହ୍ରାସ ପାଇବା ଯୋଗୁ ୟୁରୋପରେ ଆର୍ଥିକ ଅସ୍ଥିରତା ଦେଖାଦେଇଛି । ଏହାକୁ କେନ୍ଦ୍ର କରି ୟୁରୋପର ସଂସଦରେ ଆଗାମୀ ଦିନରେ ପ୍ରବଳ ବାକ୍-ବିତଣ୍ଡା ହେବ ବୋଲି ଜଣାପଡିଲାଣି । ହଙ୍ଗେରୀ ସରକାରଙ୍କ ରୁଷିଆ ସହ ସଂପର୍କ ଏବଂ ଏକ ଆଣବିକ ରିଆକ୍ଟର ରୁଷିଆଠାରୁ କ୍ରୟକୁ କେନ୍ଦ୍ରକରି ୟୁରୋପ ସଂସଦ ହଙ୍ଗେରୀର ୭.୫ ବିଲିଅନ ୟୁରୋକୁ ଅଟକାଇଛନ୍ତି, ଯାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ୟୁରୋପୀୟ ୟୁନିଅନର ମୁଖ୍ୟ ଉର୍ସୁଲା ନିକଟରେ ଇଟାଲୀରେ ସରକାର ଗଢିବାକୁ ଯାଉଥିବା ଜର୍ଜିଆ ମେଲୋନୀଙ୍କୁ ସମାଲୋଚନା କରିବା ଯୋଗୁ ଆଗାମୀ ଦିନରେ ଇଟାଲୀ ମଧ୍ୟ ବ୍ରିଟେନ ପରି ୟୁରୋପୀୟ ୟୁନିଅନ ଛାଡିପାରେ ବୋଲି ଚର୍ଚ୍ଚା ହେଉଛି । ନିର୍ବାଚନ ପ୍ରଚାର କାଳରେ ମେଲୋନୀ ଏ ସଂକ୍ରାନ୍ତରେ ସଙ୍କେତ ମଧ୍ୟ ଦେଇଥିଲେ । ବେନିଟୋ ମୁସୋଲିନୀଙ୍କ ପ୍ରଶଂସିକା ମେଲୋନୀଙ୍କ ଦଳ ବ୍ରଦର୍ସ ଅଫ ଇଟାଲୀ ସହଯୋଗୀ ମାଟ୍ଟେ ଓ ସାଲଭାନୀଙ୍କ ରାଷ୍ଟ୍ରବାଦୀ ଦଳ ଲିଗ୍ ଏବଂ ଫୋର୍ଜା ଇଟାଲିଆର ମେଣ୍ଟ ବିଜୟୀ ହେବାପରେ ଫ୍ରାନ୍ସ ଏବଂ ଜର୍ମାନୀ ସରକାର ଚିନ୍ତିତ ହୋଇପଡିଛନ୍ତି । ଜର୍ମାନୀର ଶାସକ ଦଳ ସୋସିଆଲ ଡେମୋକ୍ରାଟିକ ପାର୍ଟିର ଅଧ୍ୟକ୍ଷ ଲାର୍ସ କ୍ଲିଙ୍ଗବେଲ ଇଟାଲୀରେ ମେଲୋନୀଙ୍କ ବିଜୟ ୟୁରୋପ ପାଇଁ କ୍ଷତିକାରକ ବୋଲି କହିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ପୂର୍ବରୁ ମେଲୋନୀଙ୍କ ସଂପର୍କରେ ନକାରାତ୍ମକ ମନ୍ତବ୍ୟ ଦେବାପରେ ମେଲୋନୀ କହିଥିଲେ ଯେ ଆମକୁ ଆଉ ଉପଦେଶ ଶିକ୍ଷା ଦିଅନାହିଁ । ଆଫ୍ରିକାର ଲୋକେ ତୁମପାଇଁ ସେମାନଙ୍କ ଦେଶକୁ ଛାଡିବାକୁ ବାଧ୍ୟ ହେଉଛନ୍ତି । ଆଫ୍ରିକାର ଲୋକଙ୍କୁ ୟୁରୋପକୁ ଆଣିବା ସମସ୍ୟାର ସମାଧାନ ନୁହେଁ । କେତେକ ୟୁରୋପୀୟଙ୍କ ହାତରୁ ଆଫ୍ରିକାକୁ ମୁକ୍ତ କରାଯିବା ଆବଶ୍ୟକ । ଏହାଛଡା ପ୍ରଚାର କାଳରେ ସେ କହିଥିଲେ ଯେ ପରିସ୍ଥିତିରୁ ସୁବିଧା ଉଠାଇବା ହେଉଛି ସେମାନଙ୍କ (ଫ୍ରାନ୍ସ)ର ଲକ୍ଷ୍ୟ ।

ନିକଟରେ ସ୍ଲୋଭାକିଆରେ ୫୦୦୦ ଲୋକେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଚାରକଙ୍କ ଶାସନର ଅନ୍ତ କରିବାକୁ ଘୋଷଣା କରାଯାଇଛି । ସର୍ବିଆ-ରୁଷିଆର ଭଲ ସଂପର୍କ ଯୋଗୁ ଇଉରୋପୀୟ ସଂଘ କ୍ଷୁବ୍‌ଧ ହୋଇଛି । ତେବେ ୧୯୯୯ରେ ସର୍ବିଆ ଉପରେ ବୋମାମାଡ ବେଳେ ରୁଷିଆ ହିଁ ଏକମାତ୍ର ରାଷ୍ଟ୍ର ଯିଏକି ସର୍ବିଆକୁ ସମର୍ଥନ କରିଥିଲା । ସର୍ବିଆ ନାଟୋ କିମ୍ବା ୟୁରୋପୀୟ ସଂଘରେ ନଥିବା ୟୁରୋପର ରାଷ୍ଟ୍ର । ୟୁରୋପ ଏବେ ନରେନ୍ଦ୍ର ମୋଦିଙ୍କ ରାସ୍ତାରେ ଆଗକୁ ଯିବାକୁ ସ୍ଥିର କରିଛି । ହଙ୍ଗେରୀ, ଇଟାଲୀ, ସ୍ୱିଡେନର ରାଷ୍ଟ୍ରବାଦୀ ସରକାରଙ୍କ ଶାସନକୁ ସ୍ୱାଗତ କରାଯାଇଛି । ପୋଲାଣ୍ଡ ପୂର୍ବରୁ ଏହି ମାର୍ଗରେ ରହିଛି । ସ୍ୱିଡେନରେ ସ୍ୱିଡେନ ଡେମୋକ୍ରାଟ ଦଳ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବାରୁ ସରକାର ଗଠନରେ ବଡ ଭୂମିକା ନେବ । ଏହି ଦଳ ମୁସଲିମ ଶରଣାର୍ଥୀଙ୍କୁ ଦେଶରେ ପ୍ରବେଶ ଦେବାର ବିରୋଧୀ, ଫ୍ରାନ୍ସରେ ୪୭ ପ୍ରତିଶତ ମତ ସହ ଲି ପେନଙ୍କ ଦଳ ଦ୍ୱିତୀୟ ସ୍ଥାନରେ ରହିବା ଚେକ ରିପବ୍ଲିକରେ ଫ୍ରିଡମ ଏଣ୍ଡ ଡାଇରେକ୍ଟ ଡେମୋକ୍ରାଟିକ ପାର୍ଟି ମଧ୍ୟ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଛି । ଦଳର ନେତା ଟୋମିଓ ଓକାମୁରା ରୁଷିଆ ଉପରେ କଟକଣାକୁ ବିରୋଧ କରି ୭୦ହଜାର ଲୋକଙ୍କ ସରକାର ବିରୋଧୀ ବିକ୍ଷୋଭର ନେତୃତ୍ୱ ନିକଟରେ ନେଇଥିଲେ । ଇଟାଲୀର ମେଲୋନୀଙ୍କ ଦଳ ପୋଲାଣ୍ଡର ରାଷ୍ଟ୍ରବାଦୀ ଲ ଏଣ୍ଡ ଜଷ୍ଟିସ ପାର୍ଟି ସ୍ୱିଡେନର ଇମିଗ୍ରେସନ ବିରୋଧୀ ସ୍ୱିଡେନ ଡେମୋକ୍ରାଟ୍ସ ଏବଂ ସ୍ପେନର ରାଷ୍ଟ୍ରବାଦୀ ଭକ୍ସ ପାର୍ଟି ସହ ଭଲ ସଂପର୍କ ରହିଛି । ଏକଥା ସତ ଯେ ୟୁରୋପରେ ଏବେ ରାଷ୍ଟ୍ରବାଦୀ ବିଚାର ଶକ୍ତିଶାଳୀ ହେଉଛି । ଡେନମାର୍କବାସୀ ଜନ୍ ଖ୍ରୀଷ୍ଟିଆନସେନ୍ ଲେଖିଛନ୍ତି, "ଆମେ ଦକ୍ଷିଣପନ୍ଥୀ ନୋହୁଁ । ଆମେ ଉର୍ସୁଲା ଏବଂ ୟୁରୋପୀୟ ୟୁନିଅନ୍ ବିରୋଧୀ । ଆମର ଦେଶକୁ ଫେରିପାଇବାକୁ ଚାହୁଁ ।" ସ୍ୱିଡେନର ରିକ୍ ଅଣ୍ଡରସନ ସ୍ୱିଡେନର ଡେମୋକ୍ରାଟେରିକା ଦଳକୁ ଭୋଟ ଦେବା ସଂପର୍କରେ ଲେଖିଛନ୍ତି-"ମୁଁ ଏହି ଦଳ (ଏସ୍‌ଡି)କୁ ଭୋଟ ଦେଇଛି, ଯାହାକୁ ସମାଜବାଦୀମାନେ ଘୃଣା କରନ୍ତି । ସେମାନେ କୁହନ୍ତି ଯେ ଆମେ କାଳେ ବର୍ଣ୍ଣବୈଷମ୍ୟବାଦୀ, ଫାସୀବାଦୀ ଏବଂ ନାଜୀ ସମର୍ଥକ, ଏମିତି କେତେ କ'ଣ, କିନ୍ତୁ ଆମେ ଆମ ଦେଶକୁ ଭଲପାଉ ।" ୟୁରୋପରେ ରାଷ୍ଟ୍ରବାଦ ଏବଂ ସମାଜବାଦର ସଂଘର୍ଷ, ରୁଷିଆକୁ ସମର୍ଥନ କରିବା ଏବଂ ନକରିବା ନେଇ ମହାଦେଶ ଦୁଇଫାଳ ହୋଇଛି । ୟୁରୋପର ଲୋକେ ଆମେରିକା ରୁଷିଆର ଯୁଦ୍ଧର ଭୟ କିମ୍ବା ଇସଲାମିକ ଆତଙ୍କରେ ନୁହେଁ ସ୍ୱାଭିମାନର ସହ ବଞ୍ଚିବାକୁ ଚାହୁଁଛନ୍ତି । ଲୋକଙ୍କ ମନର କଥା କହିବା, ଦମ୍ଭର ସହ ଉପସ୍ଥାପନକୁ କେତେକ ଦକ୍ଷିଣପନ୍ଥୀ, ନାଜୀବାଦୀ କହିବାକୁ ଲୋକେ ନାପସନ୍ଦ କରୁଛନ୍ତି । ବହୁଦେଶରେ ରାଷ୍ଟ୍ରବାଦୀ ଦଳଗୁଡିକୁ ଜନସମର୍ଥନ ମିଳିବା ଏହାର ସ୍ପଷ୍ଟ ଉଦାହରଣ । ଏହାକୁ କେନ୍ଦ୍ର କରି ମତବାଦର ଫରକରେ ୟୁରୋପ କୁଆଡେ ଯିବ, ତାହା ଏବେ ପ୍ରଶ୍ନବାଚୀ ।

-ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

# କେବେ ସମ୍ଭବ ହେବ ର୍‍ୟାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ !

ସୁବାସ କୁମାର ତାରଣିଆଁ



ବିଜେବି ସ୍ୱୟଂଶାସିତ କଲେଜର +୩ ପ୍ରଥମ ବର୍ଷର ଛାତ୍ରୀ ରୁଚିକା ମହାନ୍ତିଙ୍କ ର୍‍ୟାଗିଂଜନିତ ଆତ୍ମହତ୍ୟା ଘଟଣା ରାଜ୍ୟରେ ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି । କଲେଜର ତିନିଜଣ ବରିଷ୍ଠ ସହପାଠୀ ରୁଚିକାଙ୍କୁ ମାନସିକ ନିର୍ଯ୍ୟାତନା (ର୍‍ୟାଗିଂ) ଦେଉଥିଲେ । ନିର୍ଯ୍ୟାତନା ଅସହ୍ୟ ହେବାରୁ ଶେଷରେ ରୁଚିକା ଛାତ୍ରୀନିବାସ ଭିତରେ ଆତ୍ମହତ୍ୟା କରିଥିଲେ । ଆତ୍ମହତ୍ୟା ପୂର୍ବରୁ ରୁଚିକା ଲେଖିଥିବା ଚିଠିରୁ ଏହା ର୍‍ୟାଗିଂଜନିତ ଆତ୍ମହତ୍ୟା ଜଣାପଡ଼ିବାରୁ ଏହି ଘଟଣା ଏବେ ସାରା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି । ଏପରିକି ବିଧାନସଭାରେ ମଧ୍ୟ ରୁଚିକାଙ୍କ ଆତ୍ମହତ୍ୟାକୁ ନେଇ ତୁମୁଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ଭୁବନେଶ୍ୱରର ବିଜେବି କଲେଜରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଲୋକଲୋଚନକୁ ଆସିବା ପରେ ଅଭିଭାବକ ଓ ସାଧାରଣ ଜନତାଙ୍କ ମହଲରେ ଉତ୍ତେଜନା ଲାଗି ରହିଛି । ସାରା ରାଜ୍ୟରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ରୁଚିକାଙ୍କ ଆତ୍ମହତ୍ୟା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କଲେଜ ସମ୍ମୁଖରେ ଆନ୍ଦୋଳନ ଜାରି ରହିଛି । ରାଜ୍ୟର ବିଭିନ୍ନ ସାମାଜିକ ସଂଗଠନ କଲେଜ ଫାଟକ ସମ୍ମୁଖରେ ଧାରଣା ଦେଉଥିବା ବେଳେ ମୃତ ରୁଚିକାଙ୍କ ମା' ଝିଅକୁ ନ୍ୟାୟ ଦାବିରେ ଧାରଣାରେ ବସି ରହିଛନ୍ତି । ଇତିମଧ୍ୟରେ ରୁଚିକାଙ୍କ ଆତ୍ମହତ୍ୟା ଦେଢ଼ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତମାନେ ଚିହ୍ନଟ ହୋଇ ନଥିବାରୁ ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ରୁଚିକାଙ୍କ ମୃତ୍ୟୁ ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ରହିଥିବା ଶିକ୍ଷାଦାନ ଓ ତଦାରଖ ବ୍ୟବସ୍ଥା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

କେବଳ ବିଜେବି କଲେଜରେ ନୁହେଁ, ଓଡ଼ିଶାର ବିଭିନ୍ନ କଲେଜରେ ଏବେ ର୍‍ୟାଗିଂ ବଢି ବଢି ଚାଲିଛି । ବରିଷ୍ଠ ଛାତ୍ରଛାତ୍ରୀମାନେ କନିଷ୍ଠ ଛାତ୍ରଛାତ୍ରୀମାନଙ୍କୁ ମାନସିକ ନିର୍ଯ୍ୟାତନା ଦେଇ ଆସୁଛନ୍ତି । ଏଥିମଧ୍ୟରୁ କେତେକ କ୍ଷେତ୍ରରେ କଲେଜରେ ଆପୋଷ ବୁଝାମଣା ହୋଇ ଘଟଣାର ସମାଧାନ କରାଯାଉଥିବା ବେଳେ ଅନ୍ୟ କେତେକ କଲେଜରେ ର୍‍ୟାଗିଂ ଘଟଣା କଲେଜରେ ବୁଝାମଣା ହୋଇ ନ ପାରିବାରୁ ଲୋକଲୋଚନକୁ ଆସିପାରିଛି । ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ ର୍‍ୟାଗିଂ ମୁକ୍ତ ହୋଇପାରୁନାହିଁ । ବରିଷ୍ଠଙ୍କ ନିର୍ଯ୍ୟାତନାରେ ବହୁ କନିଷ୍ଠ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେଉନି, ବରଂ ଅକାଳରେ ଜୀବନ ହାରୁଛନ୍ତି । ଏକ ଆକଳନରୁ ଜଣାପଡ଼ିଛି ଯେ ର୍‍ୟାଗିଂରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନରେ ଅଛି । ଉତ୍ତର ପ୍ରଦେଶ ଶୀର୍ଷରେ ରହିଥିବା ବେଳେ ପଶ୍ଚିମବଙ୍ଗ ଦ୍ୱିତୀୟ ଓ ମଧ୍ୟପ୍ରଦେଶ ତୃତୀୟରେ ରହିଛି । ଦିଲ୍ଲୀ, ବିହାର, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ପରି ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ବହୁତ ଖରାପ । କଲେଜ କ୍ୟାମ୍ପସ ଓ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଲାଗି ଅସୁରକ୍ଷିତ ହୋଇପଡ଼ିଛି । ର୍‍ୟାଗିଂ ରୋକିବା ନିମନ୍ତେ ୨୦୦୯ ମସିହାରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ୟୁଜିସି ରେଗୁଲେସନ କାର୍ଯ୍ୟକାରୀ ହୋଇଛି । ଏହା ସତ୍ତ୍ୱେ ରାଜ୍ୟରୁ ର୍‍ୟାଗିଂର ଭୟ ଦୂର ହୋଇପାରିନାହିଁ, ବରଂ ଗୋଟିଏ ପରେ ଗୋଟିଏ ର୍‍ୟାଗିଂ ଘଟଣା ଏବେ ସାମ୍ନାକୁ ଆସୁଛି ।

ବିଜେବି କଲେଜ ପରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ରରେ ଜଣେ ପ୍ରଥମ ବର୍ଷର ଛାତ୍ରୀଙ୍କୁ ବରିଷ୍ଠ ଛାତ୍ରୀ ର୍‍ୟାଗିଂ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି । ର୍‍ୟାଗିଂର ଶିକାର ଛାତ୍ରୀ ଜଣକ ଏ ନେଇ ଆଣ୍ଟି ର୍‍ୟାଗିଂ ସ୍କ୍ୱାର୍ଡକୁ ଫୋନ୍ ଯୋଗେ ଜଣାଇଥିଲେ । ଅପରପକ୍ଷରେ ଘଟଣାକୁ ଚପାଇ ଦେବାକୁ ପ୍ରଶିକ୍ଷଣ କେନ୍ଦ୍ରର କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରୀଙ୍କୁ ବୁଝାଇବା ପାଇଁ ବାଧ କରୁଥିବା ବେଳେ ଛାତ୍ରୀ ଜଣକ କିନ୍ତୁ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରିଣୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପ୍ରଥମବର୍ଷର ଛାତ୍ରୀ ସମ୍ବଲପୁର ଜିଲ୍ଲା ଭୋଜପୁର ଅଞ୍ଚଳର କଳ୍ପନା କିସାନଙ୍କ ଅଭିଯୋଗ ଅନୁସାରେ ତାଲିମ କେନ୍ଦ୍ରରେ ନାମ ଲେଖାଇବା ପରଠାରୁ ପ୍ରାୟ ୩ ମାସ ହେଲା ବରିଷ୍ଠ ଛାତ୍ରୀମାନେ ତାଙ୍କୁ ନିର୍ଯ୍ୟାତନା ଦେଇ ଆସୁଛନ୍ତି । କେତେକ ବରିଷ୍ଠ ଛାତ୍ରୀ ବିଭିନ୍ନ ସମୟରେ ବୈଠକ କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରନ୍ତି । ନିର୍ଯ୍ୟାତନା ବିଷୟରେ ଅଭିଭାବକ କିମ୍ବା ତାଲିମ କେନ୍ଦ୍ରର ଅଧ୍ୟକ୍ଷାଙ୍କୁ ନ ଜଣାଇବାକୁ ଧମକ ଦିଅନ୍ତି ।

ସେହିପରି ମଞ୍ଚେଶ୍ୱର ଥାନା ଅଧୀନ ଏକ ଘରୋଇ ଡାକ୍ତରୀ ମହାବିଦ୍ୟାଳୟର ଦୁଇଜଣ ପ୍ରସୂତୀ ବିଭାଗର ପିଜି ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ପ୍ରାଧ୍ୟାପକଙ୍କ ମାତ୍ରାଧିକ ନିର୍ଯ୍ୟାତନା ସହି ନ ପାରିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା ଏକ ଚିଠିରେ ଉଲ୍ଲେଖ କରିଥିଲେ । ରାଜଧାନୀରେ ର୍‍ୟାଗିଂକୁ ନେଇ ଜଣେ ଯୁକ୍ତ ତିନି ଛାତ୍ରୀ ଓ ଅନ୍ୟ ଜଣେ ଏମ୍‌ସିଏ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାରେ ରହିଥିବା ବେଳେ ଦୁଇ ଡାକ୍ତରୀ ପିଜି ଛାତ୍ରୀ ଏଭଳି ପଦକ୍ଷେପ ନେବା ଅତ୍ୟନ୍ତ ପରିତାପର ବିଷୟ । ଜଣେ ଛାତ୍ରୀଙ୍କ ଘର କଟକ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ଯାଜପୁରରେ । ସେମାନେ ପ୍ରସୂତୀ ବିଭାଗର ଶେଷବର୍ଷର ପିଜି ଛାତ୍ରୀ । ବିଭାଗର ଜଣେ ପ୍ରାଧ୍ୟାପକ ପାଠପଢାକୁ ନେଇ ସେମାନଙ୍କୁ ମାନସିକ ସ୍ତରରେ ନିର୍ଯ୍ୟାତନା ଦେଉଥିଲେ । ପ୍ରାଧ୍ୟାପକଙ୍କ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଏପରି ପଦକ୍ଷେପ ନେଇଥିଲେ ବୋଲି ପୁଲିସ୍ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ ।

ୟୁଜିସି ତଥ୍ୟ ଅନୁସାରେ ୨୦୧୧ରୁ ୨୦୨୧ ମଧ୍ୟରେ ଦେଶରେ ୬୭୯୦ଟି ର୍‍ୟାଗିଂ ଅଭିଯୋଗ ପଞ୍ଜିକୃତ ହୋଇଛି । ୨୦୧୧-୨୦୧୬ ମସିହା ପର୍ଯ୍ୟନ୍ତ ର୍‍ୟାଗିଂ ଅଭିଯୋଗ କମ୍ ଥିଲା । ହେଲେ ୨୦୧୭ରେ ର୍‍ୟାଗିଂ ଅଭିଯୋଗ ବୃଦ୍ଧି ପାଇ ୯୦୧ରେ ପହଞ୍ଚିଥିଲା ବେଳେ ୨୦୧୮ରେ ଏହା ୧୦୦୦ ଅତିକ୍ରମ କରିଥିଲା । ୨୦୧୮ ଅପେକ୍ଷା ୨୦୧୯ରେ ଅଧିକ ସଂଖ୍ୟକ ଅଭିଯୋଗ ଲୋକଲୋଚନକୁ ଆସିଥିଲା ଯାହା ୧୦୭୦କୁ ଅତିକ୍ରମ କରିଥିଲା । ୨୦୨୦ରେ କରୋନା ସଂକ୍ରମଣ ଯୋଗୁ ପାଠପଢାରେ ବ୍ୟାଘାତଜନିତ କାରଣରୁ ର୍‍ୟାଗିଂ ଏକପ୍ରକାର ବନ୍ଦ ଥିଲା । କାରଣ ୨୦୨୦ରେ ମାତ୍ର ୨୧୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ୨୦୨୧ରେ ମଧ୍ୟ କରୋନାର ଦ୍ୱିତୀୟ ଲହର ଯୋଗୁ ଏହା ହ୍ରାସ ପାଇଥିଲା । ପ୍ରକାଶଥାଉ କି, ୨୦୧୯ରୁ ୨୦୨୧ ମଧ୍ୟରେ ୫୭୯ଟି ଅଭିଯୋଗ ହୋଇଛି । ଏହି ସମୟ ମଧ୍ୟରେ ଉତ୍ତର ପ୍ରଦେଶରେ ୧୩୦୦, ପଶ୍ଚିମବଙ୍ଗରେ ୮୪୧, ମଧ୍ୟପ୍ରଦେଶରେ ୭୮୮, ମହାରାଷ୍ଟ୍ରରେ ୪୦୨, ତାମିଲନାଡୁରେ ୩୯୮, ରାଜସ୍ଥାନରେ ୩୫୪, କେରଳରେ ୩୫୦ ଓ କର୍ଣ୍ଣାଟକରେ ୩୦୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ।

ଓଡ଼ିଆରେ ଗୋଟେ ଢଗ ଅଛି-"ଚୋର ଗଲା ପରେ ବୁଦ୍ଧି ଦିଶଇ ।" ଯେପର୍ଯ୍ୟନ୍ତ ଏକ ଦୁର୍ଘଟଣା ନ ଘଟିଛି ସେପର୍ଯ୍ୟନ୍ତ କୌଣସି ଅଭିଯୋଗ ହୁଏନାହିଁ । ଯେପର୍ଯ୍ୟନ୍ତ ରାସ୍ତାରେ ଦୁର୍ଘଟଣା ଘଟି କିଛି ଲୋକ ମୃତ୍ୟୁବରଣ ନ କରିଛନ୍ତି, ସେପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ଅଭିଯୋଗ ହୁଏନାହିଁ । ଯେପର୍ଯ୍ୟନ୍ତ ମୁକୁଳା ଡ୍ରେନରେ ପଡ଼ି କିଛି ଛାତ୍ରଛାତ୍ରୀ ମୃତ୍ୟୁବରଣ ନ କରିଛନ୍ତି, ସେପର୍ଯ୍ୟନ୍ତ ଡ୍ରେନ୍ ମରାମତି ଓ ମୃତ୍ୟୁବାବଦ କ୍ଷତିପୂରଣ ପାଇଁ ଆନ୍ଦୋଳନ ବା ଅଭିଯୋଗ ହୁଏନାହିଁ । ଯେପର୍ଯ୍ୟନ୍ତ ଦୁର୍ନୀତି ଅଭିଯୋଗରେ ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ନ ହୋଇଛି, ସେପର୍ଯ୍ୟନ୍ତ ଦୁର୍ନୀତି ବିରୋଧରେ କେହି ସ୍ୱର ଉତ୍ତୋଳନ କରନ୍ତି ନାହିଁ । ବିଜେବି କଲେଜରେ ର୍‍ୟାଗିଂ ଘଟଣା ଲୋକଲୋଚନକୁ ଆସିଲା ପରେ ଏବେ ଗୋଟିଏ ପରେ ଗୋଟିଏ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ ଘଟଣା ସାମ୍ନାକୁ ଆସିବାରେ ଲାଗିଛି । ଏବେ ର୍‍ୟାଗିଂମୁକ୍ତ ଶିକ୍ଷାନୁଷ୍ଠାନ ଓ ର୍‍ୟାଗିଂର ଶିକାର ହୋଇ ଆତ୍ମହତ୍ୟା କରିଥିବା ରୁଚିକାଙ୍କୁ ନ୍ୟାୟ ଦାବିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟକ୍ତିବିଶେଷ କିଛିଦିନ ଧରି ରାଜଧାନୀରେ ଆନ୍ଦୋଳନ ଜାରି ରଖିଛନ୍ତି ଓ ଧାରଣାରେ ବସିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆନ୍ଦୋଳନ, ଅନଶନ ବା ଧାରଣାରେ ବସିଲେ ର୍‍ୟାଗିଂମୁକ୍ତ ଶିକ୍ଷାନୁଷ୍ଠାନ ସମ୍ଭବ ହୋଇପାରିବ ନାହିଁ । ବରଂ ର୍‍ୟାଗିଂ ନିୟନ୍ତ୍ରଣ ପାଇଁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଭଳି ଓଡ଼ିଶାରେ ର୍‍ୟାଗିଂ ନିରୋଧ କଠୋର ଆଇନ୍ କାର୍ଯ୍ୟକାରୀ କରିବା, ମାନସିକ ନିର୍ଯ୍ୟାତନା ଦେଉଥିବା ବରିଷ୍ଠ ସହପାଠୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଏଥିପାଇଁ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା, ଶିକ୍ଷାନୁଷ୍ଠାନର ପ୍ରତ୍ୟେକ ହଷ୍ଟେଲରେ ର୍‍ୟାଗିଂ ବନ୍ଦ ପାଇଁ ସମ୍ପୃକ୍ତ ହଷ୍ଟେଲରେ ଅନ୍ତେବାସୀ, ନିର୍ବାଚିତ ଛାତ୍ର ପ୍ରତିନିଧି, ୱାର୍ଡ଼େନ, ସୁପରିଣ୍ଟେଣ୍ଡେଣ୍ଟ ଓ ଅଧ୍ୟକ୍ଷଙ୍କୁ ନେଇ ଏକ କମିଟି ଗଠନ କରିବା, ପ୍ରତ୍ୟେକ ମାସରେ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରି ର୍‍ୟାଗିଂ ଏକ ଦଣ୍ଡନୀୟ ଅପରାଧ ବୋଲି ସଚେତନ କରିବା, ମାନବାଧିକାର କମିଶନଙ୍କ ତତ୍ତ୍ୱାବଧାନରେ ପୋଲିସ୍ ଦ୍ୱାରା ୨୪ ଘଣ୍ଟିଆ ଟୋଲ୍ ଫ୍ରି ର୍‍ୟାଗିଂ ନିରୋଧ ସେବା ଯୋଗାଇ ଦେବା ଏବଂ ବିଧାନସଭା ଅଧିବେଶନରେ ର୍‍ୟାଗିଂ ବନ୍ଦ ପାଇଁ କଠୋର ଆଇନ୍ ପ୍ରଣୟନ କରାଗଲେ, ତେବେ ଯାଇ ର୍‍ୟାଗିଂମୁକ୍ତ ଶିକ୍ଷାନୁଷ୍ଠାନ ସମ୍ଭବ ହୋଇପାରିବ ।

—କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪




# ବିଶ୍ୱାସ ଯେଉଁଠି ପ୍ରେମ ସେଇଠି

***ତୁମେ ଯଦି ତୁମ ହୃଦୟ ମନ୍ଦିରରେ ମୋର ଦୈବତ୍ୱ ପ୍ରତି ଅଟଳ ବିଶ୍ୱାସକୁ ସ୍ଥିର ରଖିପାର ତେବେ ମୋର ସ୍ୱସ୍ୱରୂପ ଦର୍ଶନ ପାଇପାରିବ। କିନ୍ତୁ ତୁମେ ଯଦି ଘଣ୍ଟାର ଦୋଳକ ପରି ଥରେ ଭକ୍ତି ଓ ଥରେ ଅବିଶ୍ୱାସ ମଧ୍ୟରେ ଝୁଲୁଥାଅ, ତେବେ କେବେ ମୋର ସତ୍ୟକୁ କଳନା କରି ସେଥିରୁ ଲବ୍ଧ ଆନନ୍ଦ ପାଇପାରିବ ନାହିଁ। -ବାବା***



ଏ ମୋର ପିତା, ଏ ମୋର ଜନ୍ମଦାତ୍ରୀ ମାତା ଏହାକୁ ବିଶ୍ୱାସ କରିବା ପାଇଁ ଆମେ କୌଣସି ଚାକ୍ଷୁସ ପ୍ରମାଣ ଖୋଜିନେ। ତାଙ୍କର ଅନାବିଳ ପ୍ରେମର ସ୍ପର୍ଶ ଓ ଛାୟାର ବେଷ୍ଟନୀରେ ଯେବେ ଆମେ ବଢ଼ିଚାଲୁ ଆମର ବିଶ୍ୱାସ ଆମର ଶ୍ୱାସ ଭଳି ଅଟଳ ହୋଇଉଠେ। ସେ ବିଶ୍ୱାସ ପ୍ରଶ୍ନର ବହୁତ ଉର୍ଦ୍ଧ୍ୱରେ। ପରମପିତା ଏ ସୃଷ୍ଟିର ସର୍ଜନା କରିବା ସଂକଳ୍ପ ତାଙ୍କ ପ୍ରେମରୁ ଫୁଟି ଉଠିଥିଲା। ଭଗବାନ ବାବା କୁହନ୍ତି - ମୁଁ ପ୍ରେମର ଆନନ୍ଦ ପାଇବା ପାଇଁ ନିଜକୁ ନିଜଠାରୁ ଅଲଗା କଲି ଓ ମଣିଷକୁ ସୃଷ୍ଟି କଲି। ଏ ଦୁନିଆରେ ଆମେ ପ୍ରେମକୁ ଯେଉଁ ରୂପରେ ଦେଖୁ ସେ ସବୁ କେବଳ ସେ ପରମ ପ୍ରେମର ଏକ ଆଂଶିକ ପ୍ରତିଫଳନ ମାତ୍ର। ତାକୁ ଆମେ କେତେବେଳେ ମା'ର ମମତାରେ ଦେଖୁ ତ କେବେ ସ୍ତ୍ରୀ ପୁରୁଷର ଆକର୍ଷଣରେ। କେବେ ତାହା ମୋହର ରୂପ ନିଏ ତ କେବେ ଧନ ଲୋଭର। ସେ ଯାହା ହେଉନା କାହିଁକି, ଯେଉଁଠି ବି ପ୍ରେମର ସମ୍ପର୍କ ଗଢ଼ିଉଠେ ସେଠି ବିଶ୍ୱାସ ପ୍ରେମକୁ ପୁଷ୍ଟ କରିଥାଏ। ଯେତେବେଳେ ବିଶ୍ୱାସର ଅଭାବ ଦେଖାଦିଏ ସେତେବେଳେ ସମ୍ପର୍କ ପ୍ରତି ବିପଦ ଆସିଥାଏ। ଯଦି ଭୌତିକ ଜଗତର ଏ ସତ୍ୟକୁ ଆମେ ମାନିନେଉ, ତାହେଲେ ଅନୁଶୀଳନ କରିବାର କଥା, ଯେଉଁ ପରମପିତା ପ୍ରେମର ଶକ୍ତିରେ ଏ ଜଗତକୁ ସୃଷ୍ଟି କରିଛନ୍ତି, ସବୁଥିରେ ନିଜକୁ ଅବସ୍ଥାପିତ କରିଛନ୍ତି ତଥା ଚଳତ୍‌କ୍ଷମ କରିଛନ୍ତି ତାଙ୍କ ପ୍ରତି ଆମ ବିଶ୍ୱାସ କେତେ ଗଭୀର ଓ ଅଟଳ ହେବା ଆବଶ୍ୟକ! ବିଶ୍ୱାସର ଚେର ସେତିକି ଗଭୀର ଓ ଦୃଢ଼ ନହେଲେ ସେ ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବା ଓ ଅମୃତୋପମ ସେ ପ୍ରେମର ବାରିଧିରେ ଅବଗାହନ କରିବା ସହଜ ନୁହେଁ। ସେ ଆମର ସୃଷ୍ଟିର କାରଣ, କାଳ ଗର୍ଭରେ ଲୁକ୍‌କାୟିତ ଆମର ଭୂତ ଭବିଷ୍ୟ ସବୁ ବିଷୟରେ ଅବଗତ। ଅଥଚ ଆମର ବିଶ୍ୱାସ ତାଙ୍କ ପ୍ରତି ସବୁବେଳେ ଦୋଳାୟିତ। ଭଗବାନ ମଧ୍ୟ ଭକ୍ତର ବିଶ୍ୱାସକୁ ସ୍ଥିର ଅଟଳ କରିବା ପାଇଁ ପ୍ରେମବଶତଃ ତାର ପରୀକ୍ଷା ନେଇଥାନ୍ତି। ଯେମିତି ଆମେ କାନ୍ଥରେ କଣ୍ଟାଟିଏ ପିଟିବା ପରେ ତାକୁ ଦୋହଲାଇ ପରୀକ୍ଷା କରିଥାଉ। ଈଶ୍ୱରଙ୍କର ଏସବୁ ପରୀକ୍ଷା ଉଦ୍ଦିଷ୍ଟ କେବଳ ଭକ୍ତର ହୃଦୟରେ ବଢ଼ୁଥିବା ବିଶ୍ୱାସର ବୃକ୍ଷକୁ ସୁଦୃଢ଼ କରିବା ପାଇଁ ଯାହା ଜୀବନର ସବୁ ଝଡ଼ ଝଞ୍ଜାକୁ ପ୍ରତିହତ କରିବାର ଶକ୍ତି ରଖିପାରିବ। ଆଧ୍ୟାତ୍ମିକ ମାର୍ଗରେ ଯେତେବେଳେ ସାଧକ ଅନୁଭବ କରିପାରେ ଯେ ଭଗବାନ ତାକୁ ସବୁବେଳେ ଜଗି ରହିଛନ୍ତି, ଆଖିକୁ ଆଖିପତା ଜଗି ରହିଥିବା ଭଳି ସେତେବେଳେ ତା'ର ବିଶ୍ୱାସ ଓ ବିଶ୍ୱାସ ଜନିତ ପ୍ରେମ ସଫଳତା ଲାଭ କରେ। ତା'ଭିତରୁ ଦ୍ୱନ୍ଦ, ଭୟ, ଅନିଶ୍ଚିତତା ଅପସରିଯାଏ ଓ ପ୍ରଭୁ ପ୍ରେମରେ ଅବଗାହନ କରି ସେ ପ୍ରଶାନ୍ତି ଲାଭ କରେ। ପ୍ରେମ ଆଉ ବିଶ୍ୱାସ ପରସ୍ପରର ପରିପୂରକ। ଯେ କୌଣସି ସମ୍ପର୍କର ସୃଷ୍ଟି ବିଶ୍ୱାସରୁ ହିଁ ହୋଇଥାଏ। ଆଉ ଯେଉଁଠି ବିଶ୍ୱାସ ଥାଏ ସେଠି ପ୍ରେମ ବସା ବାନ୍ଧେ। ବିଶ୍ୱାସ ଆଉ ପ୍ରେମର ସମନ୍ୱୟ ସୃଷ୍ଟି କରେ ଏକ ଭକ୍ତର ପରିଚୟ। ଏ ବିଶ୍ୱାସ ଏକ ସରଳ ହୃଦୟ ପାଇଁ ସୁବୋଧ ହୋଇଥାଏ। ଜିଜ୍ଞାସୁର ଏକ ସରଳ ହୃଦୟରେ ବିଶ୍ୱାସ ବାସ କରେ। ଯୁବକ ନରେନ୍‌ର ମଧ୍ୟ ଏକ ସରଳ ଓ ଜିଜ୍ଞାସୁ ହୃଦୟ ଥିଲା। ଯେତେବେଳେ ସେ ରାମକୃଷ୍ଣଙ୍କୁ ପ୍ରଶ୍ନ କଲା 'ତୁମେ କଣ ମା'ଙ୍କୁ ଦେଖିଛ' - ତତ୍‌କ୍ଷଣାତ ରାମକୃଷ୍ଣ କହିଥିଲେ, 'ହଁ ଦେଖିଛି ଯେମିତି ଏବେ ତୋତେ ଦେଖୁଛି।' ରାମକୃଷ୍ଣଙ୍କର ଏଇ ପଦକ କଥା ନରେନକୁ ବିବେକାନନ୍ଦରେ ରୂପାନ୍ତରିତ କରିଥିଲା। ହଜାର ହଜାର ଜିଜ୍ଞାସୁ ଭଗବାନ ବାବାଙ୍କ ପାଖକୁ ସାତ ଦରିଆ ପାରି ହୋଇ ବିଦେଶରୁ ଆସୁଥିଲେ। ସେମାନଙ୍କର ସେଇ ଗୋଟିଏ ଜିଜ୍ଞାସା ଥିଲା। ଅନେକ କଷ୍ଟ ସ୍ୱୀକାର କରି ସେମାନେ ଆସୁଥିଲେ, ଦିନ ଦିନ ଧରି ପୁଟ୍ଟପର୍ତ୍ତୀ ଗ୍ରାମରେ ରହୁଥିଲେ ଓ ତୃପ୍ତ ହୋଇ ଯାଉଥିଲେ ପରମାତ୍ମାଙ୍କ ସାକାର ରୂପ ଦର୍ଶନ କରି ଏକ ଆଶ୍ୱାସନା ନେଇ ଯେ ଦୁନିଆର ଯେଉଁଠି ଥିଲେ ବି ସ୍ୱାମୀ ତାଙ୍କ ସାଥିରେ ରହିଥିବେ।

ଆମେ ସମସ୍ତେ ତାଙ୍କ କାଣିଚାଏ ପ୍ରେମ ପାଇଁ ତୃଷାର୍ତ୍ତ। କିଏ ନ ଚାହେଁ ତାଙ୍କୁ ପ୍ରେମ ନ ଦେବାକୁ ଓ ତାଙ୍କ ପ୍ରେମ ନ ପାଇବାକୁ। ହେଲେ ସେଥିପାଇଁ କେବଳ ଆବଶ୍ୟକ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ତାଙ୍କ ଉପରେ, ତାଙ୍କ ବାର୍ତ୍ତା ଉପରେ। ସେ ଆମକୁ ଦେଇଯାଇଥିବା ଅମର ବାର୍ତ୍ତାକୁ ଆମେ ଯେତେବେଳେ ଆମ ଜୀବନ ଓ ଜୀବନୀର ଅନ୍ତସ୍ରୋତ କରିପାରିବା ସେତେବେଳେ ବିଭୁପ୍ରେମ ଆମ ଆଡ଼କୁ ଅବାରିତ ଭାବେ ଝରି ଆସିବ। ସେହି ଲକ୍ଷ୍ୟରେ ଆମ ପାଇଁ ସ୍ୱାମୀ ତାଙ୍କ ହାତଗଢ଼ା ଏ ସଂଗଠନ ଦେଇଛନ୍ତି। ଏଥିରେ ନିଜକୁ ନିମଗ୍ନ କରି ତାଙ୍କ ବାର୍ତ୍ତାକୁ ଆମେ ଆମ ଜୀବନରେ ପ୍ରତିଫଳିତ କରିପାରିବା ଓ ଦେବ ଦୁର୍ଲଭ ଭଗବତ୍ ପ୍ରେମକୁ ଉପଭୋଗ କରିପାରିବା। ପ୍ରେମ ଯଦି ସୌନ୍ଦର୍ଯ୍ୟ ଓ ସୁଗନ୍ଧଭରା ଏକ ପୁଷ୍ପମାଲ୍ୟ ହୁଏ ତେବେ ବିଶ୍ୱାସ ତାକୁ ଧରି ରଖିଥାଏ ସୁତାଖିଅ ପରି। ବିଶ୍ୱାସ ଏପରି ଏକ ଅଦୃଶ୍ୟ ନୀରବ ସାଧନା ଯାହା ପ୍ରେମକୁ ଦୀପ୍ତିମନ୍ତ କରିଥାଏ। ଏଭଳି ପ୍ରେମ ଭକ୍ତିର ଔଜଲ୍ୟ ଦେଖିବାକୁ ମିଳିଥିଲା ଋଷିପୁତ୍ର ମାର୍କଣ୍ଡେୟଙ୍କ ଠାରେ। ମହାମୁନିଙ୍କ ପୁତ୍ର ମାର୍କଣ୍ଡେୟ ଧର୍ମନିଷ୍ଠ ହେଲେ ବି ଅଳ୍ପାୟୁଷ ଥିବାରୁ ତାଙ୍କ ପିତାମାତା ବିଷର୍ଣ୍ଣ ଥିଲେ। ପିତାମାତାଙ୍କୁ ଉଦାସୀନ ଦେଖି ମାର୍କଣ୍ଡେୟ କାରଣ ଜିଜ୍ଞାସା କରିବାରୁ ସେମାନେ କହିଲେ ହେ ପ୍ରିୟପୁତ୍ର ତୁମକୁ ୧୧ ବର୍ଷ ହେବାକୁ ବସିଲାଣି। ଆଉ ଗୋଟିଏ ବର୍ଷ ହିଁ ତୁମର ଆୟୁଷ। ତୁମକୁ ହରାଇବାର ଦୁଃଖରେ ଆମେ ମ୍ରିୟମାଣ ହୋଇପଡୁଛୁ। ପିତାମାତାଙ୍କର ଶୋକ ନିବାରଣ ପାଇଁ ମାର୍କଣ୍ଡେୟ ଶିବଲିଙ୍ଗଙ୍କୁ ଆଲିଙ୍ଗନ କରି ମହା ମୃତ୍ୟୁଞ୍ଜୟ ମନ୍ତ୍ର ଭକ୍ତି ଓ ବିଶ୍ୱାସର ସହିତ ଜପ କରିବାକୁ ଲାଗିଲେ। ତାଙ୍କର ମୃତ୍ୟୁ ସମୟ ଉପଗତ ହୁଅନ୍ତେ ଯମଦୂତ ମାତେ ତାଙ୍କୁ ନେବାପାଇଁ ଆସିଲେ କିନ୍ତୁ ବିଫଳ ହେଲେ। ଯେତେବେଳେ ସ୍ୱୟଂ ଯମରାଜ ଆସି ବଳପୂର୍ବକ ତାଙ୍କୁ ନେବାକୁ ବାହାରିଲେ ପରମେଶ୍ୱର ନିଜେ ଆବିର୍ଭୂତ ହେଲେ ଓ ତାଙ୍କର ପ୍ରିୟ ମାର୍କଣ୍ଡେୟଙ୍କୁ ରକ୍ଷା କରିବା ପାଇଁ ଯମରାଜଙ୍କୁ ଯୁଦ୍ଧର ଆହ୍ୱାନ ଦେଲେ। ଯମରାଜ ବିନୟ ଭରେ କହିଲେ ପ୍ରଭୋ! ମୁଁ ତ ଆପଣଙ୍କ ନିୟମକୁ ପାଳନ ମାତ୍ର କରିଛି। ଆପଣ ହିଁ ତ ଏ ବାଳକକୁ ୧୨ ବର୍ଷର ଆୟୁ ପ୍ରଦାନ କରିଥିଲେ। ଶିବ କହିଲେ ସେ ମୋର ଭକ୍ତ। ମୋ ଭକ୍ତକୁ ରକ୍ଷା କରିବା ପାଇଁ ମୋ ଦ୍ୱାରା ସୃଷ୍ଟ ନିୟମ ଭାଙ୍ଗିବାକୁ ବି ପ୍ରସ୍ତୁତ ଏବଂ ପ୍ରେମ ପରବଶ ହୋଇ ସେ ମାର୍କଣ୍ଡେୟଙ୍କୁ ୧୨ ବର୍ଷ ସ୍ଥାନରେ ୧୨ କଳ୍ପର ଆୟୁଷ ପ୍ରଦାନ କରିଥିଲେ।

**ନାରାୟଣ ପ୍ରସାଦ ସର, ସଭାପତି,** ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୮୧୮୨୪୮୯

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା

ଖୋର୍ଦ୍ଧା(ପିଏନ୍)-ଭାରତ ସରକାରଙ୍କ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରଣପୁର ମା' ମଣୀନାଗ ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ଯଥା ଗୋଷ୍ଠୀ ଗୃହ ସାମୁହିକ ଶୌଚାଳୟ, ସୌର ଆଲୋକିକରଣ ଓ ପ୍ରବେଶ ତୋରଣର ଶୁଭ ଉଦ୍‌ଘାଟନ ସମାରୋହରେ ଯୋଗ ଦେବାକୁ ଯିବା ସମୟରେ ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଯଥା ଗଡ଼ଖୋର୍ଦ୍ଧା ସ୍ଥିତ ପଂଚପାଇକଙ୍କ ପ୍ରତିମୂର୍ତ୍ତି, ମଳିପଡ଼ା ଛକ ଓ ଛଣଗିରି ଠାରେ ତଥା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ଜିଲ୍ଲାପରିଷଦ ପ୍ରାର୍ଥୀ ଓ ଶତାଧିକ ମହିଳା ଯୁବ ନେତା ଓ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ଖୋରଧା ନଗର ପୌରାଧ୍ୟକ୍ଷା ପ୍ରାର୍ଥୀନୀ କୁନିଲତା ସ୍ୱାଇଁ, କାଉନସିଲର ଶୁଭ ଲକ୍ଷ୍ମୀ ମହାରଣା, ବଡ଼ପୋଖରୀଆ ମଣ୍ଡଳ ସଭାପତି ବିପିନ ପାଲଟାସିଂହ, ନିରାକାରପୁର ମଣ୍ଡଳ ସଭାପତି ଆଲୋକ ରଂଜନ ଛୋଟରାୟ, ଦକ୍ଷିଣ ମଣ୍ଡଳ ସଭାପତି ସୀତାରାମ ରାଉତରାୟ, ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, ଜିଲ୍ଲା ପରିଷଦ ପ୍ରାର୍ଥୀ ଆଶିଷ ବରିସଲ, ଯୁବନେତା କିଶୋର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କାଳୁଚରଣ ଖଣ୍ଡେଇତରାୟଙ୍କ ନାତୁଣୀ ଲୋରୀର ଜନ୍ମଦିନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇ ତାର ଦୀର୍ଘାୟୁ କାମନା କରିବା ସହିତ ତାଙ୍କ ପରିବାର ସହ କିଛି ମୁହୂର୍ତ୍ତ ବିତାଇଥିଲେ।

## ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ, ତିନିଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତର ସମିତିସଭ୍ୟ ପଦବୀ ନିମନ୍ତେ ନଭେମ୍ବର ୪ ତାରିଖରେ ଉପନିର୍ବାଚନ ହେବ । ଏଥିପାଇଁ ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ଗତକାଲି ୩ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି । ୧୦ରୁ ୧୨ ତାରିଖ ମଧ୍ୟରେ ନାମାଙ୍କନପତ୍ର ଦାଖଲ ପାଇଁ ତାରିଖ ଘୋଷଣା ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଗୋପବନ୍ଧୁ ସିଂ, ଜଗନ ଜେନା ଓ ହେମନ୍ତ ଆଚାର୍ଯ୍ୟ ସେମାନଙ୍କ ସମର୍ଥକଙ୍କ ଗହଣରେ ଆସି ବିଡ଼ିଓ ଦେବେନ୍ଦ୍ର ବଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁର ପଞ୍ଚାୟତ ସମିତିସଭ୍ୟ ଭାବେ ଗତ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିଲେ । ଗତ ମାର୍ଚ୍ଚ ୭ ତାରିଖରେ ସେ ଚକ୍ରଧରପୁର ପଞ୍ଚାୟତ ସମିତିସଭ୍ୟ ପଦବୀରୁ ଇସ୍ତଫା ଦେଇଥିଲେ । ସାତ ମାସ ହେଲା ଏହି ପଦବୀ ଖାଲି ପଡ଼ିଥିଲା । ୧୨ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷଦିନ ରହିଥିଲା । ୧୩ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୫ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ତାରିଖ ନିର୍ଦ୍ଧାରଣ କରାଯାଇଛି । ସେହିପରି ପଟୁଣିଆ ପଞ୍ଚାୟତ ୫ ନମ୍ବର ୱାର୍ଡସଭ୍ୟ ପଦବୀ ପାଇଁ ଉପନିର୍ବାଚନ ହେବ । ଆସନ୍ତା ନଭେମ୍ବର ୪ ତାରିଖରେ ଭୋଟ ଗ୍ରହଣ ହେବା ସହ ୫ ତାରିଖରେ ଫଳାଫଳ ଘୋଷଣା କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ଶ୍ରୀ ବଳ ସୂଚନା ଦେଇଛନ୍ତି ।

# ଓଡ଼ିଶାର ଅବହେଳିତ ଚାଷୀ

ଭୁବନେଶ୍ୱର (ପିଏନ୍): କୃଷି ପ୍ରଧାନ ରାଜ୍ୟ ଭାବେ ଓଡ଼ିଶା ବେଶ୍ ପରିଚିତ। ଏହି ରାଜ୍ୟ ସମୁଦାୟ ଜନସଂଖ୍ୟାର ୮୩ପ୍ରତିଶତ ଲୋକ ଗାଁଗଣ୍ଡାରେ ରହୁଥିବାରୁ ସେମାନଙ୍କ ଭିତରୁ ଖୁବ୍ କିଛି ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ କୃଷି ହେଉ ବା କୃଷିକୁ ନେଇ ଆନୁସଙ୍ଗିକ ବୃତ୍ତି ଦ୍ୱାରା ପରିବାର ପ୍ରତିପୋଷଣ କରିଥାନ୍ତି। ଆଉ କେହି କେହି କୃଷିଭିତ୍ତିକ ବେପାର ବଣିଜ ଶିଳ୍ପ ଉପରେ ନିର୍ଭର କରି ରୋଜଗାରକ୍ଷମ ହୋଇଥାନ୍ତି। ଆମ ରାଜ୍ୟର ସମୁଦାୟ ତିନିଚତୁର୍ଥାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି କୃଷିକୁ ନେଇ ହିଁ ସେମାନଙ୍କ ମୁଖ୍ୟ ଜୀବନ ଜୀବିକା। କିନ୍ତୁ ଦିନକୁ ଦିନ ଓଡ଼ିଶାର ଚଷା ପୁଅଙ୍କ ଭାତହାଣ୍ଡି ଉଜୁଡ଼ିବାକୁ ଯାଉଛି। ଶିଳ୍ପାୟନ ନାମରେ ସବୁଜ ଚାଷ ଜମି ଉପରେ ପ୍ରକାଣ୍ଡକାୟ ବଡ଼ ବଡ଼ ଅଟ୍ଟାଳିକା ଗଢ଼ି ଉଠୁଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଭାବରେ ବନ୍ୟା ହେଉ ବା ବାତ୍ୟା ବା ଫାଇଲିନ୍ ପରି ଧୂମକେତୁ କୁହାଯାଉଥିବା ମହାବାତ୍ୟା ଓଡ଼ିଶାର ଚଷାପୁଅର ଅଣ୍ଟା ହାଡ଼ ଭାଙ୍ଗି ଦେଉଛି। ଦିନକୁ ଦିନ ସରକାରୀ ସ୍ତରରେ କୃଷି ପାଇଁ ବିଭିନ୍ନ ସହଯୋଗ ଓ ସହାୟତା ବୃଦ୍ଧି ପାଉଛି ସତ କିନ୍ତୁ ବାସ୍ତବରେ ତାହା ତଳମୁଣ୍ଡରେ ଥିବା ଚଷାପୁଅଟି ପାଇବାକୁ ଅଧିକାଂଶ କ୍ଷେତ୍ରରେ ସକ୍ଷମ ହେଉନାହିଁ। କୁହାଯାଏ ଯେ ଓଡ଼ିଶା ଦରିଦ୍ର ହେବାର ମୂଳ କାରଣ ହେଲା ଚାଷ ଓ ଚାଷୀମାନଙ୍କ ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନାହିଁ। ବୃହତ୍ ଶିଳ୍ପ ତିଆରି କରି ସରକାର ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇଯିବା ପାଇଁ ଯୋଜନା କରୁଥିଲେ ବି ସେହି ତୁଳନାରେ କୃଷିକୁ ଆଡ଼ ଆଖିରେ ଚାହୁଁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଭାରତରେ କର୍ଣ୍ଣାଟକ ଉପରେ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଥିଲେ ଯାହାଦ୍ୱାରା ଓଡ଼ିଶା ହେଉଛି ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତିରେ ଭାରତରେ ଦ୍ୱିତୀୟ। କିନ୍ତୁ କର୍ଣ୍ଣାଟକ ବ୍ୟତୀତ ମଧ୍ୟପ୍ରଦେଶ ଓ ଛତିଶଗଡ଼ ସରକାର ଏହାର ଯଥେଷ୍ଟ ପୂର୍ବରୁ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିସାରିଛନ୍ତି। କେବଳ କୃଷି ବଜେଟ ପ୍ରଣୟନ କରିଦେଲେ ହେବ ନାହିଁ। ଏହା ପାଇଁ ବ୍ୟବସ୍ଥା ହୋଇଥିବା ସ୍ୱତନ୍ତ୍ର କୃଷି ଶିଳ୍ପାଞ୍ଚଳ ପ୍ରତିଷ୍ଠା କରି କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ପ୍ରୋତ୍ସାହନ ଦେବା ଜରୁରୀ। ପ୍ରକୃତ ପକ୍ଷେ ପ୍ରତି ଜିଲ୍ଲାରେ କୃଷି ଶିଳ୍ପାଞ୍ଚଳ ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉ । ଏପରି କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଦିଆଯାଉ ଯାହାଫଳରେ ସେ ଅଞ୍ଚଳରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରାଯାଇ ମୂଲ୍ୟଯୁକ୍ତ ହୋଇପାରିବ। ଗତ ଫାଇଲିନ୍ ଓ ପରବର୍ତ୍ତୀ ସମୟରେ ବନ୍ୟା ତଥା ମୂଷଳ ଧାରାରେ ବର୍ଷା ହେବା ଦ୍ୱାରା ଆମ ରାଜ୍ୟର ଅଠରଟି ଜିଲ୍ଲାର ଏଗାରଲକ୍ଷ ହେକ୍ଟର ଜମିର ଧାନ ଫସଲ ନଷ୍ଟ ହେବାବେଳେ ସଇଁତିରିଶ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ନଷ୍ଟ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଚାଷୀକୁ ଯଥେଷ୍ଟ ପରିମାଣରେ ସହାୟତା ମିଳିପାରିଲା ନାହିଁ । ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବିଜୁ କୃଷକ କଲ୍ୟାଣ ଯୋଜନାରେ ଏବେ ଚାଷୀମାନଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯାଉଛି । ସେହିପରି ନିକଟରେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଥିବା ଆଳୁ କଥା ବିଚାର କରାଯାଉ। ଆମ ରାଜ୍ୟରେ ଆଳୁ ଉତ୍ପାଦନ ପାଇଁ ଜଳବାୟୁ ଓ ମୃତ୍ତିକା ଅନୁକୂଳ ଥିଲେ ବି ଆମ ରାଜ୍ୟରେ ମାତ୍ର ଦୁଇଲକ୍ଷ ଟନ ଉତ୍ପାଦନ ହେଉଛି। ଯେଉଁଠି ଆବଶ୍ୟକ ରହିଛି ନଅଲକ୍ଷ ଟନ। ଆଳୁ ଚାଷର ପ୍ରସାର ନ ହେବାର ବଡ଼ କାରଣ ହେଲା ରାଜ୍ୟରେ ଶୀତଳ ଭଣ୍ଡାରର ଅଭାବ। ଯାହାଦ୍ୱାରା ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଖି ଦେଖାଇ ଦାଦାଗିରି କରିବାକୁ ସାହାସ କରିପାରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆଳୁ ଠାରୁ ପନିପରିବା କ୍ଷେତ୍ରରେ ଆମ ରାଜ୍ୟ ନିଜେ ସ୍ୱାବଲମ୍ବୀ ହୋଇପାରିନାହିଁ। ଯାହାଦ୍ୱାରା ପଡ଼ୋଶୀ ଉତ୍ପାଦିତ ରାଜ୍ୟମାନେ ଅଧିକାଂଶ ସମୟରେ ସେମାନଙ୍କ ନାଲି ଆଖି ଆମକୁ ଦେଖାଇ ପାରୁଛନ୍ତି କେବଳ ଫସଲ ଉତ୍ପାଦନ ପାଇଁ ଚାଷୀକୁ ପଇସା ଗୁଞ୍ଜିଦେଲେ ଚଳିବ ନାହିଁ ନିୟମିତ ଭାବରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଚାଷୀକୁ ସହାୟତା ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଇଆଡ଼େ ଗୋଦାମ ଘର ନଥିବାରୁ ଫସଲ ବାହାରେ ପଡ଼ି ଖତ ଖାଉଛି ଯାହାକି ବିଭିନ୍ନ ସମୟରେ ଗଣମାଧ୍ୟମର ପ୍ରମୁଖ ଖବର ଭାବେ ପ୍ରକାଶ ପାଉଛି। ଚାଷୀକୁ ନେଇ ଗର୍ବ କରୁଥିବା ଚଷାପୁଅର ଭେଣ୍ଡିଆ ପୁଅମାନେ ଆଉ କିନ୍ତୁ ଚାଷବାସକୁ ବନ କରୁନାହାନ୍ତି ଏହାର ବଡ଼ କାରଣ ହେଉଛି ସେମାନେ ଚାଷକୁ ନେଇ ନିଜ ଜୀବନ ଜୀବିକା ଗଢ଼ିବା ପାଇଁ ସାହସ କୁଳାଇ ପାରୁନାହାନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଠାରୁ ପଶ୍ଚିମବଙ୍ଗ ଛୋଟ ରାଜ୍ୟ ଛତିଶଗଡ଼ ଠାରୁ ମହାରାଷ୍ଟ୍ର ବା କର୍ଣ୍ଣାଟକ ଏସବୁ ରାଜ୍ୟରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସମସ୍ତ ସହାୟତା ସୁଯୋଗ ମିଳୁଥିବାରୁ ଚାଷ ପ୍ରତି ସେ ରାଜ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ପଡ଼ୋଶୀ ଛତିଶଗଡ଼ ସରକାର ଧାନ କ୍ୱିଣ୍ଟାଲ ପିଛା ତିନିଶହ ଟଙ୍କା ବୋନସ ଦେଉଥିବାବେଳେ ମଧ୍ୟପ୍ରଦେଶ ସରକାର ଗହମ କ୍ୱିଣ୍ଟାଲ ପିଛା ଦେଢ଼ଶହ ଟଙ୍କା ବୋନସ ଦେଉଛନ୍ତି ଏ ସମୟରେ ଓଡ଼ିଶା ସରକାର କ୍ୱିଣ୍ଟାଲ ପିଛା ଶହେ ଟଙ୍କା ବୋନସ ଦେବେ ବୋଲି କହିଛନ୍ତି। ସେହିପରି କର୍ଣ୍ଣାଟକ ସରକାର ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ଚାରିଟଙ୍କା ବୋନସ ଦେଉଛନ୍ତି କିନ୍ତୁ ଆମ ରାଜ୍ୟରେ ଉତ୍ପାଦନ ବୃଦ୍ଧି ପାଇଁ ଏହି ଚାଷୀଙ୍କୁ ବୋନସ ଦିଆଯାଇ ପାରୁନାହିଁ। ଏହିପରି ଅଭିଯୋଗ ଲେଖିଲେ ଲେଖାର କଳେବର ଯାହା ବୃଦ୍ଧି ପାଇବ ସରକାର ଦୂରଦୃଷ୍ଟିର ସହ ଚାଷୀଙ୍କ ସର୍ବବିଧ ଉନ୍ନତି ପାଇଁ ସହାୟତା ଯୋଗାଇଲେ ଓଡ଼ିଶା ନିଜ କୃଷିକୁ ନେଇ ନିଶ୍ଚିତ ଭାବରେ ଆଗୁଆ ରାଜ୍ୟ ଭାବରେ ପରିଗଣିତ ହେବ।

## ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜନ୍ମଦିନ ଉପଲକ୍ଷେ ମେଗା ରକ୍ତଦାନ ଶିବିର



ବାଲେଶ୍ୱର (ପିଏନ୍)- ପ୍ରଧାନମନ୍ତ୍ରୀ ମୋଦିଜିଙ୍କ ଜନ୍ମଦିନ ଉପଲକ୍ଷେ ଦଳର ନିଷ୍ପତ୍ତି ଅନୁଯାୟୀ ସେବାପକ୍ଷ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ମେଗା ରକ୍ତ ଦାନ ଶିବିର ବାଲିଆ ସ୍ଥିତ ରେମୁଣା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିର ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସାଧାରଣ ସଂପାଦକ ପର୍ଶୁରାମ ପରିଡ଼ା, ଶୋଭନା ମହାନ୍ତି, କମଳା ବିନ୍ଧାଣୀ, ଆଶିଷ ଘୋଷ, ଗିରିଧାରୀ ଦାସ, କୃଷ୍ଣଚନ୍ଦ୍ର ସାହା, ରାଜେଶ ମହାପାତ୍ର, ମହେଶ୍ୱର ଗିରି, ବିପିନ୍ ମାରାଣ୍ଡି, ନିତୁନ କୁମାର ସାହା, ଗୌରାଙ୍ଗ ଦାସ, ଯତିନ୍ଦ୍ର ପୁହାଣ ଓ ନିତାଇ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ରକ୍ତଦାନ ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଏସ ଆର ବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ମହିଳା ସଚେତନତା ଶିବିର




ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପାତ୍ରପଡ଼ା ପଞ୍ଚାୟତର ନୂଆସାହି ଠାରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଏସ ଆର ବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ମହିଳା ସଚେତନତା ଶିବିର ଓ ସାନିଟାରୀ ନ୍ୟାପକିନ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରା ପ୍ରାକ୍ ସୂଚନା ଦେଇଥିଲେ। ସମାଜସେବୀ ତଥା ନାରୀନେତ୍ରୀ ସୁସ୍ମିତା ପଣ୍ଡା ନାରୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ଉପସ୍ଥିତ ସମସ୍ତ ମହିଳାମାନଙ୍କୁ ସାନିଟାରୀ ନ୍ୟାପକିନ୍ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସନାତନ ବାରିକ, ଗଙ୍ଗାଧର ହେମ୍ବ୍ରମ୍, ସୁଷମା ଓଝା, ସିନିଗ୍ ହେମ୍ବ୍ରମ୍, ବାସନ୍ତୀ ଦେ ପ୍ରମୁଖ ଉପସ୍ଥିତ ଥିଲେ ଓ ଶେଷରେ ଆଶା ଖଣ୍ଡେଲ ୱାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାନୀୟ ଜଳ ପ୍ରକଳ୍ପ ଷ୍ଟକୟାର୍ଡ଼ରୁ ଚୋରି ଘଟଣାରେ ୩ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା କଣ୍ଟିଗଡ଼ିଆସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପ ଷ୍ଟକ୍‌ୟାର୍ଡରୁ କିଛିଦିନ ହେଲା ବିଭିନ୍ନ ସାମଗ୍ରୀ ଓ ଯନ୍ତ୍ରାଂଶ ଚୋରି ହେଉଥିଲା । ଏ ସଂପର୍କରେ ଠିକାସଂସ୍ଥା ପକ୍ଷରୁ ଗତ ୯ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା । ଅଭିଯୋଗ ପାଇ ପୁଲିସ୍ ୫୫୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଗତକାଲି କଣ୍ଟିଗଡ଼ିଆ ଗାଁର ଗ୍ରାମର ଉପେନ୍ଦ୍ର ସେଠୀଙ୍କ ଘରେ ଚଢ଼ଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ଚୋରି ଯନ୍ତ୍ରାଂଶ ଜବତ କରିଥିଲା । ଉପେନ୍ଦ୍ରଙ୍କ ସମେତ ଏହି ଘଟଣାରେ ସଂପୃକ୍ତ ଥିବା ସଂସ୍ଥାର ସୁରକ୍ଷା କର୍ମୀ ଚନ୍ଦନ ଦାସ ଓ ଖରମଙ୍ଗୀ ଗ୍ରାମର ଅମୂଲ୍ୟ ସାହୁଙ୍କୁ ଗିରଫ କରାଯାଇଥିଲା । ଗିରଫ ୩ ଅଭିଯୁକ୍ତଙ୍କୁ ଗତକାଲି ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, କଣ୍ଟିଗଡ଼ିଆ ଗାଁ ଚନ୍ଦନ ପୋଖରୀ ନିକଟରେ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଷ୍ଟକୟାର୍ଡରୁ କିଛିଦିନ ହେଲା ନିୟମିତ ବିଭିନ୍ନ ସାମଗ୍ରୀ ଓ ଯନ୍ତ୍ରାଂଶ ଚୋରି ହେଉଥିଲା । ବିଳମ୍ବିତ ରାତିରେ ଚୋରମାନେ ମୂଲ୍ୟବାନ ପିଭିସି ପାଇପ୍, ଲୁହା ରଡ୍, ସକେଟ୍, ସିମେଣ୍ଟ ଆଦି ସାମଗ୍ରୀ ଚୋରି କରି ନେଉଥିଲେ । ବାରମ୍ବାର ଚୋରି ହେବାରୁ ଏ ସଂପର୍କରେ ଠିକାସଂସ୍ଥା ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା । ପୁଲିସ୍ ଏଥିରେ ସଂପୃକ୍ତ ତିନିଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ସହଯୋଗୀମାନେ ଖସି ଯାଇଥିବା ଜଣାପଡ଼ିଛି ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସଶକ୍ତ ଓଡିଶା ସକାଶେ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ : ୫ଟି ସଚିବ

ଗଂଜାମ, (ପି.ଏନ): ୫-ଟି ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ୧୦୭ ଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ତୃତୀୟ ପର୍ଯ୍ୟାୟରେ କରାଯିବ । ଏଥି ସକାଶେ ୫-ଟି ସଚିବ ଭି. କାର୍ତିକେୟ ପାଣ୍ଡିଆନ୍ ମଙ୍ଗଳବାର ଗଞ୍ଜାମ ଜିଲ୍ଲାର ରୂପାନ୍ତରୀତ ହେବାକୁ ଥିବା ବିଦ୍ୟାଳୟ ସମ୍ପର୍କରେ ଓସ୍ୱାନ୍ ଭିସି. ମାଧ୍ୟମରେ ଜଣାଇଛନ୍ତି । ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାକୁ ସଶକ୍ତ ଓଡିଶାରେ ପରିବର୍ତନ କରିବା ନେଇ ଅନେକ ଗୁଡିଏ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଗ୍ରାମାଂଚଳ ଓ ସହରାଂଚଳ ମଧ୍ୟରେ ରହିଥିବା ପାର୍ଥକ୍ୟ କୁ ପରିବର୍ତନ କରି ସମସ୍ତ ଗ୍ରାମାଂଚଳରେ ସହରାଂଚଳର ଭିତିଭୂମି ଗଢିତୋଳିବାର ପ୍ରୟାସ ଜାରି ରହିଛି । ସମସ୍ତ ସରକାରୀ ବିଦ୍ୟାଳୟ ଗୁଡିକୁ ରୂପାନ୍ତର କରି ଶିକ୍ଷା ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏହି ରୂପାନ୍ତରୀକରଣ କେବଳ ଜଣେ ବ୍ୟକ୍ତିଗତ ଭାବେ ଚାହିଁଲେ ହେବ ନାହିଁ, ସାମୁହିକ ଉଦ୍ୟମ ଦ୍ୱାରା ହିଁ ସମସ୍ତ କାର୍ଯ୍ୟ ଗୁଡିକ ସମ୍ଭବ ହୋଇପାରିବ । ଏଣୁ କରି ସମସ୍ତଙ୍କ ସହ ଭାଗିତା ଏକାନ୍ତ ଜରୁରୀ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ସବୁ ବିଦ୍ୟାଳୟ ଗୁଡିକ ରୂପାନ୍ତରିକରଣ ହୋଇଛି, ସେଗୁଡିକର ରକ୍ଷଣା ବେକ୍ଷଣ ଓ ପରିଚାଳନା ସଠିକ କରିବା ନେଇ ସମସ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ଓ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ । ଏତତ୍ ବ୍ୟତୀତ ସମସ୍ତ ବିଦ୍ୟାଳୟ ଗୁଡିକୁ ପଟ୍ଟା ପ୍ରଦାନ କରି ଜମି ଅଧିକାର ପ୍ରଦାନ କରନ୍ତୁ । ସମସ୍ତ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ, ଇଣ୍ଟର୍ନେଟ ସଂଯୋଗ, ସୁନ୍ଦର ଖେଳ ପଡିଆ, ଉତମ ଶ୍ରେଣୀ କକ୍ଷ, ପାଠାଗାର, ବିଦ୍ୟାଳୟର ସୌନ୍ଦର ?ୟୀକରଣ ସହିତ ସମସ୍ତ ବିଦ୍ୟାଳୟକୁ ରାସ୍ତା ଯେପରି ସଂଯୋଗ ହେବ ସେଥି ସକାଶେ ଗୁରୁତ୍ୱ ଦେବାକୁ ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଫାଇଭ୍-ଟି ସଚିବ ଶ୍ରୀ ପାଣ୍ଡିଆନ ଏ ଯାବତ୍ ୪୮୯୦ ସ୍କୁଲ ସହିତ ସିଧା ସଳଖ କଥା ହେଉଥିବା ପ୍ରକାଶ କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ,ସମସ୍ତ ସରକାରୀ ବିଦ୍ୟାଳୟ ଗୁଡିଙ୍କୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରେ ଉନ୍ନତି ଆଣିବା ତଥା ଭିତି ସଂରକ୍ଷଣ ସହ ଛାତ୍ର ଛାତ୍ରୀ ମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇପାରିବ ସେଥିସକାଶେ ଗ୍ରହଣ କରାଯାଉଥିବା ସରକାରଙ୍କ ପ୍ରୟାସକୁ ଜାରି ରଖିବା ଦିଗରେ ସରକାରୀ ଅଧିକାରୀ ମାନଙ୍କର କର୍ତବ୍ୟ ଅପରିହାର୍ଯ୍ୟ ବୋଲି ଜଣାଇଥିଲେ । ଗଞ୍ଜାମ ଜିଲ୍ଲାରେ ଫାଇଭ୍-ଟି ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରିକରଣରେ ପ୍ରଥମ ପର୍ଯ୍ୟାୟରେ ୧୩୩ ଗୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୩୩ ଗୋଟି ରୂପାନ୍ତରିତ ହୋଇଛି । ଏହି ରୂପାନ୍ତରିକରଣ ଫଳରେ ଛାତ୍ର ଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଛନ୍ତି । ପୂର୍ବରୁ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀ ଆଉ ବିଦ୍ୟାଳୟ ଛାଡି ଯାଉ ନାହାନ୍ତି । ପାଠ ପଢାର ମାନ ବୃଦ୍ଧି ଘଟୁଛି । ଏଣୁ ବର୍ତମାନ ତୃତୀୟ ପର୍ଯ୍ୟାୟରେ ୧୦୭ ଗୋଟି ବିଦ୍ୟାଳୟ ରୂପାନ୍ତରୀକରଣ ହେବ । ଏଥି ନିମନ୍ତେ ସାମୁହିକ ପ୍ରୟାସ ହେବା ଆବଶ୍ୟକ । ରୂପାନ୍ତରୀକରଣ ହେବାକୁ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସରପଂଚ ରୂପାନ୍ତର ହୋଇଥିବା ବିଦ୍ୟାଳୟକୁ ପରିଭ୍ରମଣ କରି ଖୁସି ପ୍ରକଟ କରୁଛନ୍ତି । ସେମାନେ ମଧ୍ୟ ତାଙ୍କ ନିଜର ବିଦ୍ୟାଳୟ ରୂପାନ୍ତର ହେଉ ତାହା ଚାହୁଁଛନ୍ତି । ବେସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ରୂପାନ୍ତର ହୋଇଥିବା ବିଦ୍ୟାଳୟର ଭିତି ଭୂମି ଓ ସମସ୍ତ ସୁବିଧା ପ୍ରତି ଆକୃଷ୍ଟ ହୋଇ ସରକାରୀ ବିଦ୍ୟାଳୟରେ ପଢିବାକୁ ଆଗଭର ହେଉଛନ୍ତି ଓ ନିଜ ନାମ ସରକାରୀ ବିଦ୍ୟାଳୟରେ ଲେଖୁଛନ୍ତି ।ଆଜିର ଓସ୍ୱାନ୍ ଦ୍ୱାରା ଫାଇଭ୍-ଟି ସଚିବ ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ବ୍ରହ୍ମପୁର ମହାନଗର ନିଗମ ସହିତ ଯୋଡି ହୋଇ ସ୍ଥାନୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ଥାନୀୟ ଲୋକ ପ୍ରତିନିଧି, ସରପଂଚ, ସମସ୍ତ ବିଦ୍ୟାଳୟର ଆଲୁମିନା, ବିଦ୍ୟାଳୟରେ ଉନ୍ନୟନ କମିଟିର ସଦସ୍ୟ, ସଦସ୍ୟା ଓ ଛାତ୍ରଛାତ୍ରୀ ମାନଙ୍କ ସହିତ କଥା ହୋଇଥିଲେ । ବିଦ୍ୟାଳୟର ରୂପାନ୍ତର ସକାଶେ ସେମାନେ ଖୁସି ପ୍ରକଟ କରି ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ ଯୋଗୁଁ କୃତଜ୍ଞତା ଜଣାଇବା ସହିତ ୫-ଟି ସଚିବଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ । ବିଶେଷ କରି ଛାତ୍ରଛାତ୍ରୀ ମାନଙ୍କ ସହିତ ସଚିବ ଶ୍ରୀ ପାଣ୍ଡିଆନ୍ କଥା ହୋଇ ସେମାନେ ବିଦ୍ୟାଳୟର ରୂପାନ୍ତର କିଭଳି ଚାହୁଁଛନ୍ତି ତାହା ପଚାରି ବୁଝିବା ସହିତ ଛାତ୍ରଛାତ୍ରୀଗଣ ଭବିଷ୍ୟତରେ କଣ କରିବେ ତାହା ପଚାରି ବୁଝିଥିଲେ । ରୂପାନ୍ତରୀକରଣ ହେବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ଯାହା ସ୍ୱପ୍ନ ରହିଛି ତାହା ପୂରଣ ହେବ ବୋଲି ସଚିବ ଶ୍ରୀ ପାଣ୍ଡିଆନ୍ ମତ ରଖିଥିଲେ । ବେଶେଷକରି ବ୍ରହ୍ମପୁର ଆମ୍ବପୁଆ ସ୍ଥିତ ହେଲେନ୍ କେଲର ବଧିର ବିଦ୍ୟାଳୟର ଛାତ୍ର ଦ୍ୱୟ ସ୍କୁଲ ରୂପାନ୍ତରୀକରଣ ହେଲେ ଦୃଶ୍ୟ ଦେଖି ପଢିବା ସୁବିଧା ହେବ ବୋଲି ବ୍ୟକ୍ତ କରି ଖୁସି ଜାହିର କରିଥିଲେ । ସେହିପରି ରେଡକ୍ରସ୍ ଦୃଷ୍ଟିହୀନ ବିଦ୍ୟାଳୟର ଅଦୃଷ୍ଟି ଛାତ୍ରୀ ମଧ୍ୟ ଖୁସି ପ୍ରକାଶ କରିଥିଲେ । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଞ୍ଜାମ ଭି.କୀର୍ତିଭାସନ୍, ପ୍ରୋବେସନାରୀ ଅଧିକାରୀ ଧୀନା, ଛତ୍ରପୁର ଉପଜିଲ୍ଲାପାଳ ତଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ପରିଷଦ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ବିନୀତା ସେନାପତି, ଅତିରିକ୍ତ ଜିଲ୍ଲା ଅଧିକାରୀ ପବିତ୍ର ମୋହନ ସାହୁ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଯନ୍ତ୍ରୀ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ

ନୂଆଦିଲ୍ଲୀ, (ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ରେଳ କର୍ମଚାରୀଙ୍କୁ ୭୮ଦିନର ବେତନ ସହ ସମାନ ଉତ୍ପାଦକତା ଆଧାରିତ ବୋନସ ପ୍ରଦାନ କରିବା ପ୍ରସ୍ତାବକୁ ପିଛିଲା ଭାବେ ମଞ୍ଜୁର କରାଯାଇଛି ।ପ୍ରତିବର୍ଷ ଦଶହରା/ପୂଜା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀମାନଙ୍କୁ ଉତ୍ପାଦକତା ଆଧାରିତ ବୋନସ (ପିଏଲବି) ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ମଧ୍ୟ, ୧୧.୨୭ ଲକ୍ଷ ଅଣ-ଗେଜେଟେଡ ରେଳ କର୍ମଚାରୀଙ୍କୁ ୭୮ଦିନର ବେତନ ସହ ସମାନ ପିଏଲବି ପ୍ରଦାନ କରାଯାଇଛି । ୭୮ଦିନ ପାଇଁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ସର୍ବାଧିକ ୧୭,୯୫୧/- ଟଙ୍କାର ବୋନସ ଦିଆଯାଏ । ଟ୍ରାକ୍ ରକ୍ଷଣାବେକ୍ଷଣ କର୍ମଚାରୀ, ଡ୍ରାଇଭର ଓ ଗାର୍ଡ, ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ, ଟେକ୍ନିସିଆନ ହେଲ୍ପର, କଣ୍ଟ୍ରୋଲର, ପଏଣ୍ଟସମେନ, ମନ୍ତ୍ରଣାଳୟ ସ୍ତରୀୟ କର୍ମଚାରୀ ଏବଂ ଅନ୍ୟ ତୃତୀୟ ଶ୍ରେଣୀ କର୍ମଚାରୀ ଭଳି ବର୍ଗରେ ରେଳ କର୍ମଚାରୀଙ୍କୁ ଉପରୋକ୍ତ ପରିମାଣର ବୋନସ ଦିଆଯାଇଛି ।ରେଳ କର୍ମଚାରୀଙ୍କୁ ୭୮ଦିନର ପିଏଲବି ପ୍ରଦାନ କରିବା ଲାଗି ରାଜକୋଷ ଉପରେ ୧୮୩୨.୦୯ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିଛି । କୋଭିଡ-୧୯ ମହାମାରୀ କାରଣରୁ ସୃଷ୍ଟି ହୋଇଥିବା ପ୍ରତିକୂଳ ଆର୍ଥିକ ପରିସ୍ଥିତି ସତ୍ତ୍ୱେ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରିବା ଲାଗି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି ।ପରିଶୋଧ କରାଯାଇଥିବା ପିଏଲବି ଦିନଗୁଡ଼ିକର ବାସ୍ତବ ସଂଖ୍ୟା, ନିର୍ଦ୍ଧାରିତ ସୂତ୍ର ଆଧାରରେ ବାହାର କରାଯାଇଥିବା ଦିନ ଠାରୁ ଅଧିକ ଅଟେ । ପିଏଲବି ପ୍ରଦାନ କରାଯିବା ରେଳବାଇର ପ୍ରଦର୍ଶନରେ ସୁଧାର ଦିଗରେ କାମ କରୁଥିବା ରେଳ କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ଏକ ପ୍ରୋତ୍ସାହନ ଭାବେ କାମ କରିଥାଏ ।ଘରୋଇ ଏଲପିଜିରେ କ୍ଷତି ପାଇଁ ରାଷ୍ଟ୍ରାୟତ ତୈଳ ବିପଣନ କମ୍ପାନୀଗୁଡ଼ିକୁ ୨୨ ହଜାର କୋଟି ଟଙ୍କାର ଏକକାଳୀନ ଅନୁଦାନକୁ କ୍ୟାବିନେଟ ମଞ୍ଜୁରିନୂଆଦିଲ୍ଲୀ, (ପି.ଏନ): ରାଷ୍ଟ୍ରାୟତ ତୈଳ ବିପଣନ କମ୍ପାନୀ (ପିଏସୟୁ ଓଏମସି)ଗୁଡ଼ିକୁ ଏକକାଳୀନ ଅନୁଦାନ ଆକାରରେ ୨୨ ହଜାର କୋଟି ଟଙ୍କା ଯୋଗାଇ ଦେବା ଲାଗି ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ବସିଥିବା କ୍ୟାବିନେଟ ବୈଠକରେ ମଞ୍ଜୁରି ମିଳିଛି । ଏହି ଅନୁଦାନ ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ), ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ) ଏବଂ ହିନ୍ଦୁସ୍ତାନ କର୍ପୋରେସନ ଲିମିଟେଡ (ଏଚପିସିଏଲ) ମଧ୍ୟରେ ବିତରଣ କରାଯିବ ।

# ଚକାପାଦରେ ପ୍ରାକ ବିଦ୍ୟାଳୟ ପୋଷଣ ଓ ଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ

କନ୍ଧମାଳ,(ପି.ଏନ):କନ୍ଧମାଳ ଜିଲ୍ଲାର ଅଗ୍ରାଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନିପଡିଡିତର ଆୟୋଜନରେ ମଙ୍ଗଳବାର ଦିନ ଜିଲ୍ଲାର ଚକାପାଦ ବ୍ଲକର ଖଞ୍ଜାଗୁଡା ଗ୍ରାମରେ,ଏକ ପ୍ରାକ୍ ବିଦ୍ୟାଳୟ ସ୍ତରୀୟ ପୋଷଣ ଓ ଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ରାମଚନ୍ଦ୍ର ଦାସ ଉଦଘାଟନ କରି ଅଅୟୋଜିତ କାର୍ଯ୍ୟକ୍ରମର ଉପାଦେୟତା ଓ ଆବଶ୍ୟକତା ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଥିଲେ । ଏଥିରେ ସେହି ଅଂଚଳର ଅଙ୍ଗନବାଡି ଗୁଡିକର ୬ ମାସରୁ ୫ ବର୍ଷର ବୟଷର ପିଲାମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଖାଦ୍ୟ ସମେତ,ଅନୁଷ୍ଠାନ ପକ୍ଷରୁ ଗାଈଖିର ଏବଂ ବିସ୍କୁଟ୍ ଆଦି ଖାଇବାକୁ ଦିଆଯାଇଥିଲା ଏଥିରେ ପିଲାଙ୍କୁ ନଚଗୀତ ଓ ଖେଳକୁଦ ଜରିଆରେ ଶିକ୍ଷା ଦେବାର ବ୍ୟବସ୍ଥା ରଖାଯାଇଛି । ଏହି ଅବସରରେ ପରୀକ୍ଷା ମୁଳକ ଭାବରେ ଜୀବେ ଦୟା ଫାଉଣ୍ଡେସନ୍ ନାମକ ଏକ ଆନ୍ତର୍ଯ୍ୟାତୀୟ ସଂସ୍ଥା ସହଯୋଗରେ ନିପିଡିତ ପରିଚାଳନାରେ ଚକାପାଦ ବ୍ଲକ ବ୍ରାହ୍ମଣପାଦ ପଂଚାୟତର ଖଞ୍ଜାଗୁଡା ଅଙ୍ଗନବାଡି କେନ୍ଦ୍ରରେ ପରିଚାଳନା କରାଯିବ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଚକାପାଦ ପଂଚାୟତ ସମିତି ଉପାଧ୍ୟକ୍ଷ ସୋମନାଥ ବେହେରା ଯୋଗ ଦେଇ ଅଅରମ୍ଭ ହେବାକୁ ଥିବା ଏହି ଅଭିନବ କାର୍ଯ୍ୟକ୍ରମର ଉପାଦେୟତା ବାବଦରେ ଆଲୋକପାତ କରିଥିଲେ । ଚକାପାଦ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ପ୍ରତିମା ପ୍ରଧାନ ଯୋଗ ଦେଇ ସରକାରଙ୍କ କାର୍ଯ୍ୟକ୍ରମ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଥିବା କର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ ପରିଚାଳନା କଲେ,ଏହା ଶିଶୁ ମାନଙ୍କର ମାସିକ ତଥା ଶାରୀରିକ ବିକାଶରେ ସହାୟକ ହେବ ବୋଲି କହିଥିଲେ । ପସରା ପଂଚାୟତ ସୁପରଭାଇଜର ଶ୍ରୀମତୀ ଲଳିତା ବେହେରା କାର୍ଯ୍ୟକ୍ରମର ସଫଳତା, ଅଂଚଳର ମା ମାନଙ୍କର ଯଥେଷ୍ଟ ଅଧିକ ଭୁମିକା ରହିବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ, ଖଞ୍ଜାଗୁଡା, ବେଲାପଦର ଓ ଓ ନନ୍ଦିନୀ ଗ୍ରାମର ଅଙ୍ଗନବାଡି କର୍ମୀ,ଓ୍ୱାର୍ଡମେମ୍ବର ଓ ଶିଶୁ ମାନଙ୍କ ସମେତ ସେମାନଙ୍କର ମା ଏବଂ ଗ୍ରାମବାସୀ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂଯୋଜକ ପ୍ରମୋଦ କୁମାର ନାୟକ ପରିଚାଳନା କରିଥିବା ବେଳେ କର୍ମଚାରୀ ଅରଣ୍ୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ନବୀନ ଢ଼ାକି ରଖିଲେ, ମନ୍ଦିରରେ ପଣ୍ଡା ଗାଳିକଲେ : ଧର୍ମମାସରେ ହବିଷ୍ୟାଳି ହନ୍ତସନ୍ତ

ପୁରୀ, (ପି.ଏନ): ଧର୍ମମାସ କାର୍ତିକ । ଶ୍ରୀକ୍ଷେତ୍ରରେ କାର୍ତିକ ପୂଣ୍ୟ ପାଳନ କଲେ ମହାପୂଣ୍ୟ ହୋଇଥାଏ । ସେଥିପାଇଁ ହଜାର ହଜାର ହବିଷ୍ୟାଳି ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରୁଛନ୍ତି । ରାଜ୍ୟ ସରକାର ହବିଷ୍ୟାଳିମାନଙ୍କୁ ମାଗଣା ରହଣି ମହାପ୍ରସାଦ ସେବନ, ବୃନ୍ଦାବତୀ ପୂଜା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି । ଏଥିପାଇଁ ବୃନ୍ଦାବତୀ ନିବାସ,ବଗଲା ଧର୍ମଶାଳା, ଅକ୍ଷୟପାତ୍ର ଫାଉଣ୍ଡେସନ,ବାଗେନିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପରେ ୩ ହଜାର ହବିଷ୍ୟାଳି ରହିବା ପାଇଁ ବ୍ୟବସ୍ଥା ହୋଇଛି । ପହିଲି କାର୍ତିକ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ହବିଷ୍ୟାଳି ଗୃହକୁ ଉଦଘାଟନ କରିବା ସହ ମା ମାନଙ୍କ ରହଣି ପାଇଁ ବ୍ୟବସ୍ଥା କରିଥିଲେ । ହବିଷ୍ୟାଳିମାନଙ୍କୁ ମନ୍ଦିର ବୁଲାଇବା ପାଇଁ ସ୍ୱତନ୍ତ୍ର ଗାଇଡ଼ ସହ ବ୍ୟବସ୍ଥା କରାଯାଇଛି । ଆଜି ଶ୍ରୀମନ୍ଦିର ଭିତରେ ଜଣେ ସେବାୟତ ବ୍ରହ୍ମଗିରି ସାହାସପୁର ଅଞ୍ଚଳରୁ ଆସିଥିବା ୬୨ ବର୍ଷିୟା ହବିଷ୍ୟାଳି କୁମାରୀ ନାୟକଙ୍କୁ ଗାଳିଗୁଲଜ କରିବା ସହ ମାଗଣା ଖାଇବାକୁ ଆସିଛ ବୋଲି କହିଥିଲେ । ଏହାସହ ତାଙ୍କୁ ଠେଲାପେଲା କରିଥିବା ଅଭିଯୋଗ ହୋଇଛି । ହବିଷ୍ୟାଳିଙ୍କ କାନ ଓ ବେକରେ ଆଘାତ ଲାଗିଥିବା କୁହାଯାଇଛି ।

# କନ୍ଧମାଳ ଜିଲ୍ଲା ପାହିରାଜୁରେ ଆନ୍ତର୍ଯ୍ୟାତୀୟ ବାଳିକା ଦିବସ ପାଳିତ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା,ପାହିରାଜୁ ଓ କୁଏରମାଣ୍ଡୁ ଗ୍ରାମ ପଂଚାୟତର କିଶୋରୀ ବାଳିକାମାନେ, ଆନ୍ତର୍ଜାତୀୟ ବାଳିକା ଦିବସ -୨୦୨୨ ପାଳିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ଅଧିକାର ଗୁଡିକୁ ଗ୍ରାମ୍ୟ ସ୍ତରରେ ସଠିକ୍ ଭାବେ ବୁଝି ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେବାପାଇଁ ଦାବି ଜଣାଇଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ଓ ଆନ୍ତର୍ଜାତୀୟ ଅନୁଷ୍ଠାନ 'କ୍ରାଏ-କୋଲକାତା' ମାଧ୍ୟମରେ ବାଲ୍ୟବିବାହ ବନ୍ଦ କରିବା ପାଇଁ ମଧ୍ୟ କିଶୋରୀ ବାଳିକା ମାନେ ଏହି ଦିବସରେ ଶପଥ ନେଇଥିଲେ । ଏହା ସହିତ ସ୍ଥାନୀୟ ପଂଚାୟତ ପ୍ରତିନିଧିମାନେ ଉପସ୍ଥିତ ରହି ଝିଅମାନଙ୍କର ଏହିଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଘରେ ଲୁକ୍କାୟିତ ଭାବେ ରହିଯାଉଥିବା ପ୍ରତିଭା ମାନଙ୍କୁ ମଧ୍ୟ ଆଗକୁ ଆଣି ଏହି ଆନ୍ଦୋଳନରେ ସାମିଲ୍ କରିବାକୁ ଆହ୍ୱାନ ଦେଇଥିଲେ । ସ୍ଥାନୀୟ ଆଶା ଓ ଅଙ୍ଗନଓ୍ୱାଡି କର୍ମୀମାନେ ଉପସ୍ଥିତ ରହି ଗ୍ରାମ୍ୟସ୍ତରରେ ପାଳିତ ହେଉଥିବା ଶିଶୁଙ୍କ ପାଇଁ ଦିନଟିଏ ଓ ପ୍ରତ୍ୟେକ ଶନିବାର ଦିନ ପାଳନ ହେଉଥିବା 'ଆଦ୍ୱିକା' କାର୍ଯ୍ୟକ୍ରମରେ ସମସ୍ତ କିଶୋରୀ ବାଳିକାମାନଙ୍କୁ ଯୋଗ ଦେଇ ତାଙ୍କର ସ୍ୱାସ୍ଥ୍ୟ, ପୋଷଣ, ସ୍ୱଚ୍ଛତା ଓ ଯୌନ ସ୍ୱାସ୍ଥ୍ୟ ବିଷୟରେ ଅବଗତ ହେବା ପାଇଁ ଆଗଭର ହେବାକୁ କହିଥିଲେ ଯାହାକି ଆଗାମୀ ଦିନମାନଙ୍କରେ ଦୁଷ୍କର୍ମ, ବ୍ୟଭିଚାର ଓ ନାରୀ ଅତ୍ୟାଚାର ରୋକିବାରେ ସଫଳ ହେବ । ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ କାର୍ଯ୍ୟକାରୀ ହେଉଥିବା ମା' ଗୃହର କର୍ମକର୍ତାମାନେ ଉପସ୍ଥିତ ରହି କିଶୋରୀ ଅବସ୍ଥାରେ ପାଠପଢାରେ ମନୋନିବେଶ କରି ସଚେତନତା ମାଧ୍ୟମରେ ବାଲ୍ୟ ବିବାହକୁ ବନ୍ଦ କରିବାକୁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଲୋକ ସାମନ୍ତ ରାୟ, କୁସ ସାନସେଠ୍, ମାନଓ ପ୍ରଧାନ ଓ ସୌରଭ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପୁଛି ଗଜଲକ୍ଷ୍ମୀ ମଣ୍ଡପ

ପୁରୀ, (ପି.ଏନ): ଶ୍ରୀକ୍ଷେତ୍ରରେ ଏବେ ଗଜଲକ୍ଷ୍ମୀ ପୂଜା ମାହୋଲ ଦେଖିବାକୁ ମିଳିଛି । ସହରର ବିଭିନ୍ନ ସ୍ଥାନରେ ପୂଜା ମଣ୍ଡପ ଗୁଡ଼ିକ ଆକର୍ଷଣୀୟ ସାଜସଜ୍ଜା ସହ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଶ୍ରଦ୍ଧାଳୁମାନେ ସକାଳେ ଓ ସନ୍ଧ୍ୟାରେ ମାଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳିଛି । ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ,ପାଲା ଦାସକାଠିଆ, ଓଡ଼ିଶୀ ନୃତ୍ୟ,ଗୋଟିପୁଅ ନୃତ୍ୟ ଓ କେତେକ ମଣ୍ଡପରେ ସାସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି । ମାଙ୍କ ଆଗମନି ଯୋଗୁ ବଡ଼ଦାଣ୍ଡ ହୋଇଛି ଚଳଚଞ୍ଚଳ । ଶ୍ୟାମାକୁଞ୍ଜ ଗଳି ଛକ, ମରିଚିକୋଟ ଛକ, ଶନିମନ୍ଦିର ଛକ ପୁରୀ ଜିଲ୍ଲା ଅଟୋ ମହାସଂଘ,ଅନ୍ନପୂର୍ଣ୍ଣା ସମ୍ମୁଖ ଅଶୋକ ବଜାର,ଗୋଏଙ୍କା ଧର୍ମଶାଳା ଦୀନବନ୍ଧୁ ବଜାର, ଜଗନ୍ନାଥ ବଲ୍ଲଭ ,ମା ମାଉସୀମା ଥ୍ରୀ ଷ୍ଟାର ଯୁବକ ସଂଘ,ବଳଗଣ୍ଡି,ବଡ଼ଶଙ୍ଖ ପୂଜା କମିଟି, ଶରଧାବାଲି ଟ୍ୟାକ୍ସି ଆସୋସିଏସନ, ଗୁଣ୍ଡିଚା ମନ୍ଦିର ନିକଟ, ଗଜପତି ନଗର ଛକ ଭାଇ ଭାଇ ଯୁବକ ସଂଘ,ଷ୍ଟେସନ ଅଟୋ ଚାଳକ ସଂଘ ,ନୂଆସାହି ଓ ବେହେରା ସାହି ଭଳି ଅନେକ ପୂଜା ମଣ୍ଡପରେ ମାଙ୍କ ପୂଜାର୍ଚ୍ଚନା ଜାରି ରହିଛି । ହୋମଯଜ୍ଞ ସାଙ୍ଗକୁ ଘଂଟ,ଘଂଟି ଶବ୍ଦରେ ମଣ୍ଡପ ପରିବେଶ କମ୍ପମାନ ହେବା ଦେଖାଯାଇଛି । ପୂଜା କମିଟିର ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନୀ ସହ ଆଳତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛି । ରଙ୍ଗବେରଙ୍ଗର ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳା ଶ୍ରଦ୍ଧାଳୁଙ୍କ ବେଶ ଆକୃଷ୍ଟ କରିଛି । ଦୁଇବର୍ଷ କରୋନା କଟକଣାରୁ ମୁକ୍ତ ହେବା ପରେ ଗଜଲକ୍ଷ୍ମୀ ଉତ୍ସବ ଅନୁଷ୍ଠିତ ହେଉଥିବାରୁ କମିଟି କର୍ମକର୍ତାଙ୍କ ମଧ୍ୟରେ ଅଧିକ ଉତ୍ସାହ ପରିଲକ୍ଷିତ ହୋଇଛି । ତୀର୍ଥ ପୁଷ୍କରଣୀରୁ ଜଳ ଆଣି ମଣ୍ଡପରେ ସଂସ୍କାର କରାଯାଇଛି । ପାରମ୍ପରିକ ବାଦ୍ୟ ସହ ମାଙ୍କ ପୂଜାର୍ଚ୍ଚନା ଜାରି ରହିଛି । ତିନି ଧୂପରେ ବାଳଭୋଗ,ପିଠା ଓ ଖିରି ଭୋଗ କରାଯାଉଛି ।

# ପ୍ରତି ବ୍ଲକ୍ ରେ ବସ୍ ଷ୍ଟାଣ୍ଡ ସକାଶେ ସ୍ଥାନ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଗଂଜାମ, (ପି.ଏନ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ରାଜସ୍ୱ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅବଗତ କରାଇଥିଲେଯେ, ରାଜସ୍ୱ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଆବଶ୍ୟକ ରହିଛି । ଜନ ସାଧାରଣଙ୍କୁ ପ୍ରଦାନ କରାଯାଉଥିବା ସେବା ଗୁଡିକ ସଠିକ ସମୟରେ ହୋଇ ପାରିଲେ ହିତାଧିକାରୀଗଣ ଉପକୃତ ହୋଇପାରିବେ । ଏଥି ନିମନ୍ତେ ଅଧିକ ଯତ୍ନବାନ ହେବାକୁ ସମସ୍ତ ତହସିଲଦାର ମାନଙ୍କୁ ଅବଗତ କରାଯାଇଥିଲା । ଜିଲ୍ଲାରେ ରହିଥିବା ସମୁଦାୟ ୫୩୫ଗୋଟି ସୈରାତ ଉତ୍ସ ଗୁଡିକ ମଧ୍ୟରୁ ୧୯୫ ଗୋଟି ଉତ୍ସ ବନ୍ଦ କରାଯାଇଛି ଏବଂ ୩୪୦ ଗୋଟି ସୈରାତ୍ ଉତ୍ସ କାର୍ଯ୍ୟକ୍ଷମ ହେବ । ତନ୍ମଧ୍ୟରୁ ୧୬୨ ଗୋଟି ଉତ୍ସ କାର ?ୟକ୍ଷମ କରାଯ.ାଇଅଛି । ବଳକା ରହିଥିବା ୧୭୮ ଉତ୍ସ ଗୁଡିକ କାର୍ଯ୍ୟକ୍ଷମ କରିବା ନେଇ ରହିଥିବା ପ୍ରତିବନ୍ଧକ ଗୁଡିକର ଆଶୁ ସମାଧାନ ଯଥାଶୀଘ୍ର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଯେତେ ସବୁ କ୍ରସର ୟୁନିଟ୍ ରହିଛି ସେଗୁଡିକ ତଦନ୍ତ କରି ଆଗାମୀ ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଅବଗତ କରାଯାଇଛି । ଲଘୁ ଖଣିଜଦ୍ରବ୍ୟ ଗୁଡିକର ଚୋରା ଚାଲାଣକୁ ରୋକିବା ଦିଗରେ ବାରମ୍ବାର ଚଢାଉ ସହିତ ନଜର ରଖିବାକୁ ପରାମର୍ଶ ଦିଆଯାଇଛି । ୨୦୨୨ ଏପ୍ରିଲ ଠାରୁ ସେପ୍ଟେମ୍ବର ମାସ ସୁଦ୍ଧା ୨୬୫୫୦ ଗୋଟି ପଟ୍ଟା ଆବଂଟନ କରାଯାଇଅଛି । ବଳକା ରହିଥିବା ୪୫୦୦୦ ଗୋଟି ପଟ୍ଟା ଯଥାଶୀଘ୍ର ପ୍ରଦାନ କରିବାକୁ କୁହାଯାଇଛି । ବେବନ୍ଦୋବସ୍ତ ଜମି ଗୁଡିକର ବନ୍ଦୋବସ୍ତ କରିବାକୁ ପରାମର୍ଶ ଦିଆଯାଇଛି । ମ୍ୟୁଟେସନ ପଟ୍ଟା, ପ୍ରମାଣପତ୍ର ଗୁଡିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ କରାଗଲେ ହିତାଧିକାରୀଗଣ ଠିକ୍ ସମୟରେ ଉପକୃତ ହୋଇ ପାରିବେ । ଏଥିସକାଶେ କାର୍ଯ୍ୟ ତ୍ୱରାନ୍ୱୀତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ସବୁ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ ଗୁଡିକୁ ପଟ୍ଟା ପ୍ରଦାନ କରାଯାଇ ନାହିଁ ସେମାନଙ୍କୁ ଭୂ ଅଧିକାର ଆଇନ୍ ର ସତ୍ୱ ପ୍ରଦାନ ସକାଶେ ଯଥାଶୀଘ୍ର ପଟ୍ଟା ପ୍ରଦାନ କରିବାକୁ ଜିଲ୍ଲାପାଳ ପରିଡା ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ଆଦାୟ ସକାଶେ ପ୍ରଦାନ କରାଯାଇଥିବା ଲକ୍ଷ୍ୟ ଧାର୍ଯ୍ୟ ଯେପରି ପୂରଣ ହେବ ସେଥି ସକାଶେ ସମସ୍ତ ତହସିଲଦାରଗଣ ପଦକ୍ଷେପ ନେବାକୁ କୁହାଯାଇଛି । ବିଶେଷଭାବେ ଇ-ପାଉତି ମାଧ୍ୟମରେ ଅନଲାଇନ୍ ରାଜସ୍ୱ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ବ୍ଲକ୍ ଅଂଚଳରେ ବସ୍ ଷ୍ଟାଣ୍ଡ ନିର୍ମାଣ ହେବ । ଏଣୁ ଯଥାଶୀଘ୍ର ସ୍ଥାନ ଚିହ୍ନଟ କରି ଜଣାଇବାକୁ କୁହାଯାଇଛି । ବସୁନ୍ଧରା ଯୋଜନାରେ ଭୂମିହୀନ କରିବାରଙ୍କୁ ଜାଗା ପ୍ରଦାନ, ଜରୁରୀ କାଳୀନ ବିଭାଗ ଦ୍ୱାରା ସହାୟତା ରାଶି ଶୀଘ୍ର ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସଡକ ସୁରକ୍ଷା ଦିଗରେ ଆଂଚଳିକ ପରିବହନ ବିଭାଗ ଦ୍ୱାରା ଚଢାଉ କାର୍ଯ୍ୟକୁ ବ୍ୟାପକ କରି ଜୋରିମାନା ଆଦାୟ ଏବଂ ଲାଇସେନ୍ସ ରଦ୍ଦକୁ କଡାକଡି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅବକାରୀ ବିଭାଗ ଦ୍ୱାରା ଚଢାଉ କାର୍ଯ୍ୟକୁ ବ୍ୟାପକ କରିବାକୁ କୁହାଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାତ୍ର, ଭଞ୍ଜନଗର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଡେପୁଟି କଲେକ୍ଟର ରାଜସ୍ୱ ରାଜ କିଶୋର ଜେନା, ବ୍ରହ୍ମପୁରର ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ, ସମସ୍ତ ତହସିଲଦାର, ଆଂଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ବରିଷ୍ଠ ନାଗରିକ ଈଶ୍ୱର ଚନ୍ଦ୍ର ସାମଲ(୭୦)ଙ୍କ ଜନ୍ମ ଦିବସ ପାଳିତ



ଦର୍ପଣ, (ପି.ଏନ): ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲସ୍ଥିତ ପ୍ରେକ୍ଷାଳୟଠାରେ ବରିଷ୍ଠ ନାଗରିକ ଈଶ୍ୱର ଚନ୍ଦ୍ର ସାମଲଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ଆଂଚଳିକ ବରିଷ୍ଠ ନାଗରିକ ମଂଚର ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପସଭାପତି କ୍ଷୀରୋଦ ମାହାଲା, ସଂପାଦକ ହେମନ୍ତ ସାମଲ, କୋଷାଧକ୍ଷ ଚିତରଞ୍ଜନ ମହାପାତ୍ର, ଉପଦେଷ୍ଟା ସନ୍ତୋଷ କୁମାର ବୀଶ୍ୱାଳ, ଦୁଃଖୀଶ୍ୟାମ ସାହୁ, କୃଷ୍ଣଚନ୍ଦ୍ର ଜେନା, ଲକ୍ଷ୍ମୀଧର ସାହାଣୀ, ଉତମ ରଣା, ବରିଷ୍ଠ ଜାଦବ ନେତା କୀର୍ତନ ବେହେରା, ବରିଷ୍ଠ ବାମପନ୍ଥୀ ନେତା ବିଜୟ କୁମାର ଜେନା, ଶରତ ଚନ୍ଦ୍ର ଜେନା, ଘନଶ୍ୟାମ ଗୋଛାୟତ, କୁଳମଣି ନାୟକ, ଭଗବାନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହାଣି, ପ୍ରଫୁଲ ସାହାଣି, ବସନ୍ତ ବିଶ୍ୱାଳ ସମେତ ବୈକୁଣ୍ଠ ସାମନ୍ତରାୟ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ଇଶ୍ୱର ସାମାଲଙ୍କ ଜନ୍ମ ଜୟନ୍ତୀରେ ସମସ୍ତ ବରିଷ୍ଠ ନାଗରିକ ମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ତାଙ୍କର ଦୀର୍ଘ ଜୀବନ ସୁଖମୟ ଓ ନିରାମୟ ହେବା ପାଇଁ ପ୍ରାର୍ଥନା କରିଥିଲେ । ଆଜି ଏଠାରେ ଯେଉଁ ଜନ୍ମ ଜୟନ୍ତୀ ଦିବସ ପାଳନ ହେଉଛି ଆସନ୍ତା କାଲି ମଧ୍ୟ ଯେଉଁ ବରିଷ୍ଠ ନାଗରିକ ମାନଙ୍କଙ୍କର ଜନ୍ମ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଚାହିଁବେ ତାଙ୍କର ଜନ୍ମ ଜୟନ୍ତୀକୁ ଏହି ପ୍ରକ୍ଷାଳୟଠାରେ ହୋଇପାରିବ ବୋଲି ସଭାପତି ଶ୍ରୀ ନାୟକ ପ୍ରକାଶ କରିଥିଲେ । ବର୍ଷୀୟାନ ବାମପନ୍ଥୀ ନେତା ବିଜୟ କୁମାର ଜେନା, ଈଶ୍ୱାର ଚନ୍ଦ୍ର ସାମଲଙ୍କ ଏକ ପୁସ୍ତକ ପ୍ରଦାନ କରିଥିଲେ । ସେଠାରେ ଉପସ୍ଥିତି ଶ୍ରୀ ସାମଲଙ୍କ ଝିଅ ଅରୁଣାନ୍ଧତୀ, ପ୍ରଶାନ୍ତ ଜେନା, ପୁତ୍ର ଅନଙ୍ଗ ଉଦୟ ସାମଲ ଓ ଅବିନାଶ ସମସ୍ତ ବରିଷ୍ଠ ନାଗରିଜ ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

## ବସ୍ କର୍ମଚାରୀଙ୍କୁ ନିଶା ଦେଇ ଟଙ୍କା ଓ ମୋବାଇଲ୍ ଲୁଟ୍

ପାରାଦୀପ,(ପି.ଏନ): ମଙ୍ଗଳବାର ଦିନ ପୁରୀରୁ କୋଣାର୍କ ଦେଇ ଆସୁଥିବା ଏକ ଯାତ୍ରୀବାହୀ ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଠାରୁ ଟଙ୍କା ଓ ମୋବାଇଲ୍ ଲୁଟ୍ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶଯେ, ମଙ୍ଗଳବାର ଦିନ ପୁରୀରୁ କୋଣାର୍କ,ଜଗତସିଂହପୁର ଦେଇ ଆସୁଥିଲା ଯାତ୍ରୀବାହୀ ବସ୍ ଶିବଶକ୍ତି । ଜଣେ ଅଚିହ୍ନା ଯୁବକ ନିଜକୁ ଜଣେ ଡ୍ରାଇଭରର ପରିଚୟ ଦେଇ ବସ୍ ରେ ଆସିଥିଲେ । ବସ୍‌ରେ ଆସିବା ସମୟରେ ସେହି ଯୁବକ ଜଣକ ଡ୍ରାଇଭର, କଣ୍ଡକ୍ଟର ଓ ହେଲପରଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ପାରାଦୀପରେ ପହଂଚିଥିଲା । ପାରାଦୀପରେ ଯାତ୍ରୀମାନେ ଓହ୍ଲାଇ ସାରିବା ପରେ ସେହି ବ୍ୟକ୍ତି ଜଣକ ଡ୍ରାଇଭର,କଣ୍ଡକ୍ଟର ଓ ହେଲପରଙ୍କୁ ଥଣ୍ଡା ପିଇବାକୁ ଆଣି ଦେଇଥିଲା । ସମସ୍ତେ ଥଣ୍ଡା ପିଇ ସାରିବା ପରେ ବସ୍ ମଧ୍ୟରେ ଡ୍ରାଇଭର ଓ କଣ୍ଡକ୍ଟର ଶୋଇ ପଡିଥିଲେ । ସକାଳେ ବସ୍ ପୁର୍ନବାର ପୁରୀ ଯିବା କଥା । ବସ୍ ନ ଯିବା ଦେଖି କିଛି ଲୋକ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଡାକିଥିଲେ । ବହୁ କଷ୍ଟରେ ସେମାନେ ଉଠିଥିଲେ ବି କିଛି କହି ପାରୁ ନଥିଲେ । ପରେ ସେମାନେ ପ୍ରକୃତିସ୍ଥ ହେବା ପରେ ଏ ଲୁଟ୍ ସମ୍ପର୍କରେ ଜାଣିବାକୁ ପାଇଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ବାଲିବନ୍ଧ,(ପି.ଏନ): ସଦର ନିର୍ବାଚନମଣ୍ଡଳୀ ଝୁମ୍ପୁରା ବ୍ଲକର ନାରଦପୁର, ଗୁମୁରା ଓ ନିର୍ଶ୍ଚି'ପୁର ପଂଚାୟତର ସମସ୍ତ ଗ୍ରାମରେ ଝୁମ୍ପୁରା ବିଜେଡି ପକ୍ଷରୁ ବୁଧବାର ଦିନ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଝୁମ୍ପୁରା ବ୍ଲକ ବିଜୁ ଜନତାଦଳର ସଭାପତି ମହମ୍ମଦ କଫିଲ ଆନସାରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ,କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ୧୬ନମ୍ବର ଜୋନ ର ଜିଲ୍ଲାପରିଷଦ ସଭ୍ୟା କ୍ଷୀରୋଦିନୀ ମହାକୁଡ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବାବୁରାମ ନାଏକ, ନାରଦ ପୁର ପଚଂାୟତର ସରପଚଂ ହେମତୀ ମୋଦୀ,ସମିତି ସଭ୍ୟ ଅଯୋଧ୍ୟା ନାଏକ, ଗୁମୁରା ପଚଂାୟତର ସମିତି ସଭ୍ୟ ଉଦୟନାଥ ପାତ୍ର, ନିର୍ଶ୍ଚି'ପୁର ପଚଂାୟତର ସରପଚଂ ପୁଷ୍ପାଚଂଳି ମୁଣ୍ଡାଙ୍କ ସମତେ ୩ ପଚଂାୟତର ଦଳୀୟ ସଭାପତି ,ସମ୍ପାଦକ ତଥା ଅନ୍ୟ ବରିଷ୍ଠ କର୍ମକର୍ତାମାନେ ଉପସ୍ଥିତ ରହିଥିଲେ । ଜନସମ୍ପର୍କ ପଦଯାତ୍ରା ର ମୁଖ୍ୟ ଉଦ୍ଦେଶ୍ୟ ହେଲା - ବିଜେଡି ର କର୍ମକର୍ତାମାନେ ଲୋକଙ୍କ ସହିତ ଯୋଡି ହେବା ସହ ରାଜ୍ୟ ର ବିଜେଡି ସରକାର ରାଜ୍ୟବାସୀଙ୍କ ପାଇଁ କରିଥିବା ଜନ ହିତକର ଜୋଜନା ଗୁଡିକ ସମ୍ବନ୍ଧରେ ଜନସାଧାରଣ ଙ୍କୁ ଅବଗତ କରିବା । ଏହା ବ୍ୟତିତ ଯେଉଁ ଯୋଗ୍ୟ ହିତାଧିକାରୀ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ବଚିଂତ ସେମାନଙ୍କୁ କିପରି ସରକାଙ୍କ ଯୋଜନାରେ ସମିଲ କରାଯାଇ ପାରିବ ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ । ଏହି ଅବସରରେ ବିଜେଡି ଜିଲ୍ଲା ସଭାପତି ଶ୍ରୀ ସର୍ଦ୍ଦାର ଗୁମୁରା ପଚଂାୟତର ସରପଚଂ ତପନ କୁମାର ନାଏକ ଏବଂ ତାଙ୍କର ସହଯୋଗୀମାନଙ୍କୁ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ କରିଥିଲେ । ସରପଚଂ ଶ୍ରୀ ନାଏକ ମଧ୍ୟ ବିଜେଡିର ନିତି ନୀୟମ ମାନିବା ସହ ଦଳର ଶୃଙ୍ଖଳା କୁ ବଜାୟ ରଖିବାକୁ ମତ ବ୍ୟକ୍ତ କରିଥିଲେ ।

## ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): ମାନବ ସମାଜକୁ ବିପର୍ଯ୍ୟୟରୁ ସୁରକ୍ଷା ଯୋଗାଇ ଦେବା ସମ୍ପର୍କରେ ସଚେତନତା କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଅକ୍ଟୋବର ମାସ ୧୩ ତାରିଖଟିକୁ ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ରୂପେ ପାଳନ କରାଯାଇଥାଏ । ବିପର୍ଯ୍ୟୟର ବିପଦକୁ ହ୍ରାସ, ବାସସ୍ଥାନକୁ ସୁରକ୍ଷିତ କରିବା, ଲୋକଙ୍କୁ ସ୍ଥାନାନ୍ତର କରିବା ଏହି ଦିବସର ମୂଳ ଲକ୍ଷ୍ୟ । ପ୍ରାକୃତିକ ବିପଦ ହେଉ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ହେଉ, ବିପର୍ଯ୍ୟୟ ସମୟରେ ପରିଚାଳନା ସଂସ୍ଥା ଗୁଡ଼ିକର ପ୍ରସ୍ତୁତି ଦ୍ୱାରା ଅନେକ ଜୀବନ ରକ୍ଷା ହୋଇପାରିଥାଏ ବୋଲି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ପକ୍ଷରୁ ଶ୍ରୀ ଲିଙ୍ଗରାଜ ମନ୍ଦିର ସିଂହଦ୍ୱାର ସମ୍ମୁଖଠାରେ ଆୟୋଜିତ ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି ।

# ଷଣ୍ଢକୁଦରେ ବେଢଡକରେ ବିକ୍ରି ହେଉଛି ଚୋରା ମଦ : ଅବକାରୀ ବିଭାଗ ଓ ପୋଲିସ୍ ନିଘୋଡ ନିଦ୍ରାରେ



ପାରାଦୀପ,(ପି.ଏନ): ପାରାଦୀପ ଉପକଣ୍ଠ ଷଣ୍ଢକୁଦ ବସ୍ତିର ଘରେ ଘରେ ବିକ୍ରି ହେଉଛି ଚୋରା ମଦ । ଏତେ ପରିମାଣର ଚୋରା ମଦ ବିକ୍ରି ହେଉଥିବା ବେଳେ ଉଭୟ ପୋଲିସ୍ ଓ ଅବକାରୀ ବିଭାଗ କିଭଳି ଜାଣି ପାରୁ ନାହାନ୍ତ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବର୍ତମାନ ପାରାଦୀପର ସବୁ ଠାରୁ ବଡ ବସ୍ତି ହେଉଛି ଷଣ୍ଢକୁଦ । ଏଠାରେ ପ୍ରାୟ ୨୦ ହଜାର ଲୋକ ବସବାସ କରୁଛନ୍ତ । ପାରାଦୀପର ବିଭିନ୍ନ ଅଂଚଳରୁ ଲୋକମାନେ ଏଠାରେ ଯାଗା କିଣି ରହିବା ପରେ ଦିନକୁ ଦିନ ଏହାର ଲୋକ ସଂଖ୍ୟା ବଢିବାରେ ଲାଗିଛି । ଓଡିଆ, ତେଲଗୁ ଓ ବଙ୍ଗ ଭାଷାଭାଷୀ ଲୋକ ମୁଖ୍ୟତଃ ଏଠାକାର ଅଧିବାସୀ । ସରକାରଙ୍କ ପକ୍ଷରୁ ଏଠାରେ ଗୋଟିଏ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନ ଓ ଅନ୍ୟଟି ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦେକାନ ରହିଛି । ଏଥି ସହିତ ବସ୍ତି ମଧ୍ୟରେ ପାଖାପାଖି ୩୦ ରୁ ଉର୍ଦ୍ଧ ଚୋରା ମଦ ଘରେଘରେ ବିକ୍ରି ହେଉଛି । ଗରୀବ ଓ ମଜୁରିଆ ଶ୍ରେଣୀର ଲୋକମାନେ କାମରୁ ଫେରିବା ପରେ ଘର ପାଖରେ ମଦ ବିକ୍ରି ହେଉଥିବା ସ୍ଥାନରୁ ମଦ ପିଇ ପ୍ରତିଦିନ ନିଜ ଘରେ ପରିବାର ସହିତ ଝଗଡା କରିବା ଏକ ନିତିଦିନିଆ ଘଟଣା ହୋଇ ଗଲାଣି । ଚୋରା ମଦ ବେପାର ସ୍ଥାନରେ ପ୍ରତିଦିନ ପାଟିତୁଣ୍ଡ ହେଉଛି ଯାହା ଯୋଗୁଁ ପାଖ ପଡୋଶୀ ମଧ ଶାନ୍ତରେ ରହି ପାରୁନାହାନ୍ତ । ଏମାନଙ୍କ ପାଟି ଶୁଣି ଛାତ୍ରଛାତ୍ରୀମାନଙ୍କର ପାଠ ପଢାରେ ମଧ ବ୍ୟାଘାତ ସୃଷ୍ଟି ହେଉଛି । ସେମାନଙ୍କର ଅଶ୍ଳୀଳ ଗାଳି ଶୁଣି କୋମଳମତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁପ୍ରଭାବ ପଡୁଥିବା ଜଣାପଡିଛି । ଚୋରା ମଦ ବିକ୍ରି ହେଉଥିବା ସ୍ଥାନରେ ମଦ ବୋତଲ ଗଦା ଗଦା ପଡିଥିବା ଦେଖିବାକୁ ମିଳୁଛି । ଏଥି ସହିତ ପ୍ରଚୁର ମଦ୍ୟପାନ କରି ସେମାନଙ୍କ ମଧ୍ୟରୁ ଅନେକ ସଡକ ଦୂର୍ଘଟଣାର ଶିକାର ହେଉଛନ୍ତ । ଏତେ ସବୁ ଘଟଣା ଘଟୁଥିଲେ ବି କେହି ଏଦିଗରେ ପାଟି ଫିଟଉ ନାହାନ୍ତି । ଷଣ୍ଢକୁଦରେ ପାରାଦୀପ ପୌରପାଳିକାର ତିନି ଜଣ ପାରିଷଦ ମଧ ରହିଛନ୍ତ । ସେମାନେ କେବେ ବି ଏହି ଚୋରା ମଦ ବ୍ୟବସାୟକୁ ବିରୋଧ କରି ନଥିବା ଜଣା ପଡିଛି । ଷଣ୍ଢକୁଦ ବସ୍ତିରେ ଚୋରା ମଦ ବେପାର ସତେ ଯେପରି କୁଟୀର ଶିଳ୍ପ ପାଲଟିଯାଇଛି । ପ୍ରତିଦିନର ବହୁ ପରିମାଣର ଚୋରା ମଦ ବିକ୍ରି ହେଉଥିଲେ ବି ପୋଲିସ୍ କି ଅବକାରୀ ବିଭାଗ କିଭଳି ଜାଣି ପାରୁ ନାହାନ୍ତ ସେ ନେଇ ସାଧାରଣରେ ନାନା ଆଲୋଚନା ହେଉଛି ।

## ପ୍ରଦିପ୍ତ କୁମାର ଦାସ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ରାଜ୍ୟର ସଂପାଦକ ଭାବେ ନିର୍ବାଚିତ

ଭୁବନେଶ୍ୱର (ପି.ଏନ): ନାଲ୍‌କୋ କର୍ମଚାରୀ ସଂଘର ସାଧାରଣ ସଂପାଦକ ଶ୍ରୀ ପ୍ରଦିପ୍ତ କୁମାର ଦାସ ତା. ୦୨/୧୦/୨୦୨୨ ରିଖରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ରାଜ୍ୟର ସଂପାଦକ ଭାବରେ ନିର୍ବାଚିତ ହୋଇଥିବାରୁ ଜାତୀୟ ଉପସଭାପତି, ଓଡ଼ିଶା ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ, ଉପସଭାପତି- ମଦନ ମୋହନ ଧଳ, ସାଧାରଣ ସଂପାଦକ- କିଶୋର ଜେନା ଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି । ନାଲ୍‌କୋ ଇମ୍ପ୍ଲୋଇଜ୍ ଫୋରମ୍‌ର ସଭାପତି- ମଦନ ମୋହନ ଧଳ, କାର୍ଯ୍ୟକାରୀ ସଭାପତି- ତ୍ରିଲୋଚନ ବେହେରା, ଉପସଭାପତି-ଭବାନୀ ଶଙ୍କର ଦାସ, ରଜନୀ ମହାନ୍ତି, ଜଗନ୍ନାଥ ନାୟକ, ଅରୁପ ରୟ, ଜତୀନ୍ଦ୍ର ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବାଲିବନ୍ଧ ,(ପି.ଏନ): ସଦର ନିର୍ବାଚନମଣ୍ଡଳୀ ଝୁମ୍ପୁରା ବ୍ଲକର ନାରଦପୁର, ଗୁମୁରା ଓ ନିର୍ଶ୍ଚି'ପୁର ପଂଚାୟତର ସମସ୍ତ ଗ୍ରାମରେ ଝୁମ୍ପୁରା ବିଜେଡି ପକ୍ଷରୁ ବୁଧବାର ଦିନ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଝୁମ୍ପୁରା ବ୍ଲକ ବିଜୁ ଜନତାଦଳର ସଭାପତି ମହମ୍ମଦ କଫିଲ ଆନସାରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ,କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ୧୬ନମ୍ବର ଜୋନ ର ଜିଲ୍ଲାପରିଷଦ ସଭ୍ୟା କ୍ଷୀରୋଦିନୀ ମହାକୁଡ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବାବୁରାମ ନାଏକ, ନାରଦ ପୁର ପଚଂାୟତର ସରପଚଂ ହେମତୀ ମୋଦୀ,ସମିତି ସଭ୍ୟ ଅଯୋଧ୍ୟା ନାଏକ, ଗୁମୁରା ପଚଂାୟତର ସମିତି ସଭ୍ୟ ଉଦୟନାଥ ପାତ୍ର, ନିର୍ଶ୍ଚି'ପୁର ପଚଂାୟତର ସରପଚଂ ପୁଷ୍ପାଚଂଳି ମୁଣ୍ଡାଙ୍କ ସମତେ ୩ ପଚଂାୟତର ଦଳୀୟ ସଭାପତି ,ସମ୍ପାଦକ ତଥା ଅନ୍ୟ ବରିଷ୍ଠ କର୍ମକର୍ତାମାନେ ଉପସ୍ଥିତ ରହିଥିଲେ । ଜନସମ୍ପର୍କ ପଦଯାତ୍ରା ର ମୁଖ୍ୟ ଉଦ୍ଦେଶ୍ୟ ହେଲା - ବିଜେଡି ର କର୍ମକର୍ତାମାନେ ଲୋକଙ୍କ ସହିତ ଯୋଡି ହେବା ସହ ରାଜ୍ୟ ର ବିଜେଡି ସରକାର ରାଜ୍ୟବାସୀଙ୍କ ପାଇଁ କରିଥିବା ଜନ ହିତକର ଜୋଜନା ଗୁଡିକ ସମ୍ବନ୍ଧରେ ଜନସାଧାରଣ ଙ୍କୁ ଅବଗତ କରିବା । ଏହା ବ୍ୟତିତ ଯେଉଁ ଯୋଗ୍ୟ ହିତାଧିକାରୀ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ବଚିଂତ ସେମାନଙ୍କୁ କିପରି ସରକାଙ୍କ ଯୋଜନାରେ ସମିଲ କରାଯାଇ ପାରିବ ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ । ଏହି ଅବସରରେ ବିଜେଡି ଜିଲ୍ଲା ସଭାପତି ଶ୍ରୀ ସର୍ଦ୍ଦାର ଗୁମୁରା ପଚଂାୟତର ସରପଚଂ ତପନ କୁମାର ନାଏକ ଏବଂ ତାଙ୍କର ସହଯୋଗୀମାନଙ୍କୁ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ କରିଥିଲେ । ସରପଚଂ ଶ୍ରୀ ନାଏକ ମଧ୍ୟ ବିଜେଡିର ନିତି ନୀୟମ ମାନିବା ସହ ଦଳର ଶୃଙ୍ଖଳା କୁ ବଜାୟ ରଖିବାକୁ ମତ ବ୍ୟକ୍ତ କରିଥିଲେ ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ପୂଜା ଶିବିର ଉଦ୍‌ଯାପିତ




ବାରିପଦା,(ପି.ଏନ): ବାରିପଦା ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଚାଲିଥିବା ସପ୍ତାହବ୍ୟାପୀ ଏନ.ଏସ.ଏସ. ପୂଜା ସ୍ୱତନ୍ତ୍ର ସେବା ଶିବିର କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଏସ. ଶିବାନୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜାତୀୟ ସେବା ଶିବିରର ମହତ୍ୱ ଉପରେ ନିଜର ମତ ଦର୍ଶାଇଥିଲେ । ଡି.ଏସ.ପି. ସବିତା ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପି.ଏଲ.ଭି. ରବିନ୍ଦ୍ର କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ବିଷୟରେ କହିଥିଲେ । କଲେଜର ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ମୀରା ସେନାପତି ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀମାନେ ପୋଷ୍ୟଗ୍ରାମ ମହାରାଜପୁର ଓ ଶାଗୁଣାବସା ଗାଁରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଘରକୁ ଘର ବୁଲି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ, ଜଳ ସଂରକ୍ଷଣ, ଜୈବିକ ଚାଷ, ଶକ୍ତି ସଂରକ୍ଷ, ଅନ୍ଧବିଶ୍ୱାସ ଦୂରୀକରଣ, ଗୁଣିଗାରେଡି ସମ୍ପର୍କରେ ଜନସାଧାରଣଙ୍କ ଅବଗତ କରାଇଥିଲେ । ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଓ ନୃତ୍ୟ ପରିବେଷଣ କରାଯାଇଥିଲା । ପଥପ୍ରାନ୍ତ ନାଟକ ଦ୍ୱାରା ଗ୍ରାମବାସୀଙ୍କୁ ନିଶାନିବାରଣ, ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ୁ ନିବୃତ ରହିବାକୁ ସଚେତନ କରିଥିଲେ । ଶିବିରରେ ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡ. ଶୁଭେନ୍ଦୁ ଦାସ ଶିବିର ପରିଭ୍ରମଣରେ ଆସି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ, କଲେଜର ଅଧାପକ ଓ ଅଧାପିକା ସ୍ୱେଚ୍ଛାସେବୀ ଶିବିର ପରିଚାଳନା କରିଥିଲେ । ଶେଷରେ ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray